**ସଂକ୍ଷେପରେ**

## ‘ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚିବ’



ପଦ୍ମପୁର, ୧୭।୭ (ପ୍ରଶାନ୍ତ କର)- ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ୯୧ତମ ଜନ୍ମଦିବସ ପୂର୍ବଦିନରେ ଗୁରୁ ଭାଇଭଉଣୀମାନଙ୍କ ପକ୍ଷରୁ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁ ଭାଇଭଉଣୀମାନେ ଅଭ୍ୟାସ ଟେକ୍ନୋ ସ୍କୁଲ ପ୍ରାଙ୍ଗଣରେ ୭୦ଟି ଚାରାରୋପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଏଡିଏମ୍ ସୋମନାଥ ପ୍ରଧାନ, ପଦ୍ମପୁର ତହସିଲଦାର ଗୀତାଞ୍ଜଳି ବେହେରା ଏବଂ ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସମେତ ଗୁରୁଭାଇ ଉଦୟ ଶଙ୍କର, ଲାଡି ନାଗେଶର ରାଓ, ବାସିନୀ ଭୁଜଙ୍ଗ, ଲାଡି ତୁକାରାମ, ଗାୟତ୍ରୀ ପଣ୍ଡା, ଜନାର୍ଦ୍ଦନ ସେନାପତି, ସୋମନାଥ ସାହୁ, ଓଡ଼ିଆ ଭାଇ ଉଦୟନାଥ ସାହୁ, ଜଗା ଭାଇ,ରାମା ଭାଇ, କେ.ଏମାନା ମୂର୍ତ୍ତି, ସୁରେନ୍ଦ୍ର ପୃଷ୍ଟି ଯୋଗଦେଇଥିଲେ । ଏହି ଅବସରରେ ଏଡିଏମ୍ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ମହତ୍ତ୍ୱ ମଧ ବୁଝାଇଥିଲେ। ବୃକ୍ଷ ହିଁ ଜୀବନ ଏବଂ ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ତେଣୁ ଅଭ୍ୟାସ ସ୍କୁଲର ଛାତ୍ରୀଛାତ୍ରଙ୍କ ଜନ୍ମଦିନରେ ଗୋଟିଏ ଗଛ ଲଗାଇବା ପାଇଁ ସେ ପରାମର୍ଶ ଦେଇଥିଲେ।

## ଆଇନ ସଚେତନତା ଶିବିର

ରାୟଗଡା, ୧୭।୭ (ଭାଗ୍ୟଶ୍ରୀ ମିଶ୍ର)- ରାୟଗଡ଼ା ସହରସ୍ଥିତ ମହର୍ଷି ବିଦ୍ୟାମନ୍ଦିରରେ ସୋମବାର ଜିଲା ଆଇନସେବା ପ୍ରାଧିକରଣ ତରଫରୁ (ଜେଜେ ସିପିସି ) ଆକ୍ଟ ଆଣ୍ଡ ରାଇଟ ଟୁ କମ୍ପଲସରି ବା ଶିକ୍ଷାଗତ ଅଧିକାର ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିବେଦିତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଡିଜେଏମ୍ ବର୍ଷା ଦାସ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଜେ.ଜେ.ବି ବୋର୍ଡର ସଦସ୍ୟ ପ୍ରଣତୀ ପାତ୍ର, ଶିଶୁ ମଙ୍ଗଳ କମିଟିର ସଦସ୍ୟ ଜ୍ୟୋସ୍ନାମୟୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ବକ୍ତବ୍ୟରେ ଶିକ୍ଷାଗତ ଅଧିକାରର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ



କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଗାରିନ ସବର, ରାୟଗଡା ବାର୍‌ଆସୋସିଏଶନର ଆଇନଜୀବୀ ସୀତାରାମ ପଣ୍ଡା, ଆଇନଜୀବୀ ରାମକ୍ରିଷ୍ଣା ପଲ୍ଲୀ, ମହର୍ଷି ବିଦ୍ୟାମନ୍ଦିରର ଅଧକ୍ଷ ରଞ୍ଜନ କୁମାର ସାହୁଙ୍କ ସହ ସ୍କୁଲର ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଣ୍ଡିଆ ଉତ୍ପାଦନରେ କୋରାପୁଟ ପ୍ରଥମ, ରାୟଗଡ଼ା ଦ୍ୱିତୀୟ

ରାୟଗଡ଼ା,୧୭।୭(ଆଶିଷ ରଞ୍ଜନ ପଣ୍ଡା)

- ଅନୁକୂଳ ପରିବେଶ ସତ୍ତ୍ୱେ ମାଣ୍ଡିଆ ଉତ୍ପାଦନରେ ଓଡ଼ିଶା ପଛୁଆ
- ମଣ୍ଡି ସମୟରେ ଦଲାଲ ସକ୍ରିୟ, କ୍ଷତି ସହୁଛନ୍ତି ଚାଷୀ

କୃଷି ପ୍ରଧାନ ଦେଶ ଭାରତର ଅନ୍ୟତମ କୃଷିଜାତ ଖାଦ୍ୟଶସ୍ୟ ହେଉଛି ମାଣ୍ଡିଆ । ଖରିଫଋତୁରେ ଜିଲାରେ ଉନ୍ନତମାନର ମାଣ୍ଡିଆ ଅମଳ ହେଉଥିବାରୁ ଜୁନ୍‌ରୁ ଅଗଷ୍ଟରେ ଏହି ଚାଷ କରାଯାଏ । ଧାନଚାଷ ଭଳି ବିହନ ବୁଣାଯାଇ ପରବର୍ତ୍ତୀ ସମୟରେ ଧାଡ଼ି ଚାଷ କରାଯାଇଥାଏ । କୃଷି ବିଭାଗ ତଥ୍ୟ ଅନୁସାରେ, ଦେଶରେ ଉତ୍ପାଦିତ ହେଉଥିବା ମାଣ୍ଡିଆରୁ ସର୍ବାଧିକ ୬୬% ମାଣ୍ଡିଆ କର୍ନାଟକରେ ଉତ୍ପାଦନ ହେଉଥିବା ବେଳେ ଓଡ଼ିଶା ମାତ୍ର ୨.୧୬% ପ୍ରତିଶତ ଉତ୍ପାଦନ ହେଉଛି । ଭାରତରୁ ପ୍ରାୟତଃ ଆମେରିକା, ଆରବ ଏମିରେଟ୍ସ ଏବଂ ନେପାଳକୁ ମାଣ୍ଡିଆ (ରାଗି) ରପ୍ତାନି ହୋଇଥାଏ । ଭାରତ ହିଁ ସବୁଠାରୁ ଅଧିକ ମାଣ୍ଡିଆ ବାହାରକୁ ରପ୍ତାନି କରିଥାଏ । ତେବେ ଓଡ଼ିଶାରେ ମାଣ୍ଡିଆ ଉତ୍ପାଦନରେ କୋରାପୁଟ ଜିଲା ପ୍ରଥମରେ ଥିବା ବେଳେ ରାୟଗଡ଼ା ଜିଲା ଦ୍ୱିତୀୟ ସ୍ଥାନରେ ରହିଛି । ଗତ ବର୍ଷ ୧୨୬୫୪ ଚାଷୀ ମାଣ୍ଡିଆ ଚାଷ କରିଥିବା ଓଡ଼ିଶା ମିଲେଟ ମିଶନ ବିଭାଗରୁ ଜଣାପଡ଼ିଛି ।

କୃଷି ବିଭାଗ ସୂଚନା ଅନୁଯାୟୀ, ରାୟଗଡ଼ା ଜିଲାର ୧୧ଟି ବ୍ଲକ ମଧ୍ୟରୁ କାଶୀପୁର ବ୍ଲକରେ ସର୍ବାଧିକ ୭୩୫୫ ହେକ୍ଟର ଜମିରେ ମାଣ୍ଡିଆଚାଷ ହେଉଥିବା ବେଳେ ରାମନାଗୁଡ଼ା ବ୍ଲକରେ ସର୍ବନିମ୍ନ ୨୩୦ ହେକ୍ଟର ଜମିରେ ଚାଷ ହୋଇଥାଏ। ସେହିଭଳି ବିଷମକଟକ ବ୍ଲକରେ ୧୯୧୩ ହେକ୍ଟର, ମୁନିଗୁଡ଼ା ୩୫୪୬ ହେକ୍ଟର, ଚନ୍ଦ୍ରପୁର ୧୧୭୨ ହେକ୍ଟର, ଗୁଡ଼ାରି ୫୬୭ ହେକ୍ଟର, ରାମନାଗୁଡ଼ା ୨୩୦ ହେକ୍ଟର, ରାୟଗଡ଼ା ୧୮୦୫ ହେକ୍ଟର, କୋଲନରା ୧୦୨୦ ହେକ୍ଟର, କଲ୍ୟାଣସିଂହପୁର ୧୫୫୦ ହେକ୍ଟର, ଗୁଣପୁର ୮୩୭ ହେକ୍ଟର ଏବଂ ପଦ୍ମପୁର ବ୍ଲକରେ ୨୫୦ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇଥାଏ। ଜିଲାରେ ଗତ ୫ ବର୍ଷ ମଧ୍ୟରେ ହୋଇଥିବା ମାଣ୍ଡିଆ ଚାଷକୁ ଦେଖିଲେ ୨୦୧୯ ମସିହାରେ ୧୨,୬୦୦ ହେକ୍ଟର ଚାଷ ପାଇଁ ସରକାରୀ ଲକ୍ଷ୍ୟ ରହିଥିବା ବେଳେ ୧୨୭୮୯ ହେକ୍ଟର ଜମିରେ ଏହା ଚାଷ ହୋଇଥିଲା । ସେଥିରୁ ୧୧୪୬୫ ମେଟ୍ରିକ



ମାଣ୍ଡିଆ ଚାରାକୁ ଅନ୍ୟତ୍ର ରୋଇବା ପାଇଁ ପ୍ରସ୍ତୁତି ଚାଲିଛି ।

ଟନ୍ ମାଣ୍ଡିଆ ଉତ୍ପାଦନ ହୋଇଥିଲା । ସେହିପରି ୨୦୨୦ରେ ୧୧୧୪୫ ହେକ୍ଟର ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ ରହିଥିବା ବେଳେ ୧୧୩୪୦ ହେକ୍ଟର ଜମିରେ ଚାଷ ହୋଇଥିଲା । ସେଥିରୁ ୧୧୪୬୫ ମେଟ୍ରିକ ଟନ୍ ମାଣ୍ଡିଆ ଉତ୍ପାଦନ ହୋଇଥିଲା । ସେହିଭଳି ୨୦୨୧ ମସିହାରେ ୨୦୨୩୨ ହେକ୍ଟର ଜମିରେ ୨୨୫୯୯ ମେଟ୍ରିକ ଟନ୍ ଏବଂ ୨୦୨୨ରେ ୨୦୨୪୫ ହେକ୍ଟର ଜମିରେ ୨୨୩୧୦ ମେଟ୍ରିକ ଟନ୍ ମାଣ୍ଡିଆ ଉତ୍ପାଦନ ହୋଇଥିଲା ।

ଓଡ଼ିଶାରେ ମିଲେଟ ମିଶନ ମାଧ୍ୟମରେ ମାଣ୍ଡିଆ ଚାଷୀଙ୍କ ବିକାଶ ପାଇଁ ବିଭିନ୍ନ ସୁବିଧା କରାଯାଇଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଚାଷୀମାନେ ଉତ୍ପାଦିତ ମାଣ୍ଡିଆ ଉଚିତ ମୂଲ୍ୟ ପାଇପାରୁନାହାନ୍ତି । ମାଣ୍ଡିଆ ମଣ୍ଡିରେ ଦଲାଲ ଗୋଷ୍ଠୀ ସକ୍ରିୟ ରହି ଚାଷୀଙ୍କୁ ସରକାରୀ ଧାର୍ଯ୍ୟମୂଲ୍ୟ କିଲୋ ପ୍ରତି ୪୦ ଟଙ୍କା ବଦଳରେ ୨୫ରୁ ୩୦ ଟଙ୍କା ଦେଉଥିବା ଚାଷୀ ଅଭିଯୋଗ କରିଛନ୍ତି । କୃଷି ବିଭାଗ ସୂଚନା ଅନୁସାରେ ହେକ୍ଟର ପିଛା ୧୧ରୁ ୧୨ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ ହେଉଥିବା ବେଳେ ଜିଲାରେ ଜଣେ ମାଣ୍ଡିଆ ଚାଷୀ ଇନ୍ଦୁଚନ୍ଦ୍ର ମାଝି କହିଛନ୍ତି, ହେକ୍ଟର ପିଛା ୮ରୁ ୧୦ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ ହେଉଛି । ଉର୍ବର ମାଟି ଭରା ଜମି ହେଲେ ହେକ୍ଟର ପିଛା ୧୦ରୁ ୧୨ହଜାର ଟଙ୍କା ଏବଂ ଅଣ ଉର୍ବର ମାଟି ହେଲେ ସାର ଆଦି ବ୍ୟବହାର କରିବା ଦ୍ୱାରା ୧୫ରୁ ୧୮ ହଜାର ଟଙ୍କା ଖର୍ଚ୍ଚ ହୁଏ । ତେବେ ମାଣ୍ଡିଆ ବିକ୍ରି କରିବା ସମୟରେ ଦଲାଲ ଗୋଷ୍ଠୀ ରହୁଥିବାରୁ ଚାଷୀଙ୍କୁ ସେତେ ଲାଭ ମିଳେ ନାହିଁ । ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ବୋଲି ଚାଷୀମାନେ କହିଛନ୍ତି । ଏ ସମ୍ପର୍କରେ ମିଲେଟ ମିଶନ ଡିପିଏମ୍ ମନୋଜ କୁମାରଙ୍କୁ ପଚାରିବାରୁ ମାଣ୍ଡିଆ ଚାଷ ପାଇଁ ଚାଷୀଙ୍କୁ ପ୍ରୋତ୍ସାହନ ରାଶିର ସୁବିଧା ରହିଛି ଏବଂ ଏହା ପଞ୍ଜୀକୃତ ଚାଷୀମାନଙ୍କୁ ମିଳୁଛି । ୫ ବର୍ଷ ମଧ୍ୟରେ ହେକ୍ଟର ପିଛା ମୋଟ ୨୬ ହଜାର ୫ଶହ ଟଙ୍କା ପ୍ରୋତ୍ସାହନ ରାଶି ମଧ୍ୟରୁ ପ୍ରଥମ ବର୍ଷରେ ୧୦ହଜାର, ଦ୍ୱିତୀୟ ବର୍ଷରେ ୭ ହଜାର ୫ଶହ ଟଙ୍କା, ତୃତୀୟ ବର୍ଷରେ ୫ ହଜାର ଏବଂ ଚତୁର୍ଥ ଓ ପଞ୍ଚମ ବର୍ଷରେ ୨ହଜାର ଟଙ୍କା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଥିବା ଡିପିଏମ୍ ମନୋଜ କୁମାର କହିଛନ୍ତି । ଏହାଛଡ଼ା ଓଡ଼ିଶା ମିଲେଟ ମିଶନ ମାଧ୍ୟମରେ ଅନ୍ୟ କୌଣସି ସହାୟତା ମିଳେ ନାହିଁ । ତେବେ ମାଣ୍ଡିଆ ଓ ଅନ୍ୟାନ୍ୟ ମିଲେଟ ଜାତୀୟ ଶସ୍ୟରୁ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ତିଆରି କରିବା ପାଇଁ ବିଭିନ୍ନ ପ୍ରକାର ଫାର୍ମର୍ସ ପ୍ରଡ୍ୟୁସର ଗ୍ରୁପ ଆଦି ବ୍ୟବସ୍ଥା ରହିଥିଲେ ମଧ ଏହାର ପ୍ରକୃତ ଲାଭ ଚାଷୀ ପାଇପାରୁ ନ ଥିବା ଜିଲାର ମାଣ୍ଡିଆ ଚାଷୀମାନେ ଅଭିଯୋଗ କରିଛନ୍ତି । ତେଣୁ ସରକାର ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଚାଷୀକୁଳ ଦାବି କରିଛନ୍ତି ।

## କୁହୁଡ଼ି ଜଙ୍ଗଲମୁହାଁ ନରହନ୍ତା ହାତୀ

ଝରିଗାଁ,୧୭।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ପାନାବେଡ଼ା ରିଜର୍ଭ ଜଙ୍ଗଲ ଅଧୀନ ମୋହରା ସେକ୍ସନ ବନ୍ଦକଣା ବିଟ୍ ବରାଗୁଡ଼ା ଜଙ୍ଗଲରେ ନରହନ୍ତା ହାତୀକୁ ଦେଖିବାକୁ ମିଳିଛି । ଦିନ ସାରା ସେଠାରେ ବନ ବିଭାଗ ଟିମ୍ ସେଠାରେ ଜଗି ରହିଥିବାବେଳେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ୪୧ମିନିଟ୍‌ରେ ହାତୀଟିକୁ ଦେଖିବାକୁ ମିଳିଥିଲା । ହାତୀଟି ପୂର୍ବ ଦିଗରେ ରହିଥିବା କୁହୁଡି ଜଙ୍ଗଲ ଅଭିମୁଖେ ଯାଇଥିବା ଝରିଗାଁ ଡେପୁଟି ରେଞ୍ଜର ଗୋବିନ୍ଦ ନାଏକ କହିଛନ୍ତି।। ହାତୀ ରହିଥିବା ଆଖପାଖ କୁହୁଡି, କୁହାଆମ୍ବ, କାଶିପାନି, କଦଳିଭଣ୍ଡା, ବନିପଦର ଆଦି ଗାଁରେ ଲୋକଙ୍କୁ ଡ଼ାକବାଜି ଯନ୍ତ୍ର ସହାୟତାରେ ସତର୍କ ରହିବା ପାଇଁ ସଚେତନ କରାଯାଇଛି । ପ୍ରକାଶ ଯେ, ଉକ୍ତ ହାତୀଟି ମଙ୍ଗଳବାର ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାନ୍ତଗାଁ ଗ୍ରାମ ନିକଟରେ ଜଣେ ଜଙ୍ଗଲ ଜଗୁଆଳିଙ୍କୁ ଦଳି ଦେଇଥିଲା । ଏହାପରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଯୋଗିପଦର ଗ୍ରାମରେ ଥାଟବେଡ଼ା ଗ୍ରାମର ଆସମତି ଭତ୍ରାଙ୍କୁ ଶୁଣ୍ଢରେ ବୁଲାଇ କଚାଡ଼ି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ବନବିଭାଗ ଓ ୱାଇଲଡ ଲାଇଫର ସମସ୍ତ କର୍ମଚାରୀ ମୃତ ମହିଳାଙ୍କ ମୃତଦେହ ଉଦ୍ଧାର କରି ଝରିଗାଁ ମେଡିକାଲକୁ ପଠାଇଥିଲେ । ରାତିସାରା ଯୋଗୀପଦର ଅଞ୍ଚଳରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା ।

# ସାମାନ୍ୟ ବର୍ଷାରେ ରାୟଗଡ଼ା ସହର ବେହାଲ

ରାୟଗଡ଼ା,୧୭।୭ (ଆଶିଷ ରଞ୍ଜନ ପଣ୍ଡା)

ଦୀର୍ଘ ଦିନ ବ୍ୟବଧାନରେ ହୋଇଥିବା ବର୍ଷା ଚାଷୀକୁଳକୁ ଆଶ୍ୱସ୍ତି ଦେଇଥିବା ବେଳେ ସହରର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ସାମାନ୍ୟ ବର୍ଷାରେ ସହରର ରାସ୍ତାରେ ଭାସୁଛି ବର୍ଷା ଓ ଡ୍ରେନ ପାଣି । ତେବେ ଜଳ ଅନ୍ୟ ଆଡ଼େ ନିଷ୍କାସିତ ନ ହୋଇ ରାସ୍ତାରେ ଜମି ରହୁଥିବାରୁ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି । ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହିତ ପୌର ବିଭାଗରେ ଅଭିଯୋଗ ହୋଇଥିଲେ ମଧ ନୀରବ ସାଜିଛି ପୌର ପ୍ରଶାସନ । ଏଭଳିକି ନିର୍ମାଣ କରାଯାଉଥିବା ଡ୍ରେନଗୁଡ଼ିକ ଠିକ ଭାବେ ନିର୍ମାଣ ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି । ପ୍ରତିବର୍ଷ ବର୍ଷାଋତୁରେ ଲୋକେ ଏହିଭଳି ଜଳବନ୍ଦୀ ସମସ୍ୟା ଭୋଗୁଛନ୍ତି । ସହରସ୍ଥିତ ସର୍କିଟ ହାଉସରେ ମଧ ଡ୍ରେନ



ଅଶୋକ ନଗର ମୁଖ୍ୟ ରାସ୍ତାରେ ପାଣି ଜମି ରହିଛି ।

**ପୌର ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

ପାଣି ପଶୁଛି । ଜିଲା ପରିଷଦ କାର୍ଯ୍ୟାଳୟ, ପୋଲିସ କାର୍ଯ୍ୟାଳୟର ମଧ ସମାନ ଅବସ୍ଥା । ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରେନ ଉପରେ ପଡ଼ିଥିବା ପ୍ଲେଟ ଦୀର୍ଘଦିନରୁ ଭାଙ୍ଗି ଯାଇଥିଲେ ମଧ ପୂର୍ତ୍ତ ବିଭାଗ ଏହାକୁ ନିର୍ମାଣ କରୁନାହିଁ କି ପୌର ପ୍ରଶାସନ ମଧ ଦୃଷ୍ଟି ଦେଉନାହିଁ । ଜିଲା ମୁଖ୍ୟ ଚିକିତ୍ସାଳୟରେ ବାହାରୁ ଅସନା ପାଣି ପଶୁଥିବାରୁ ରୋଗୀମାନେ ଯାତାୟାତ ସମୟରେ ଅସୁବିଧା ଭୋଗୁଛନ୍ତି । ପୌର ବିଭାଗ ଠିକାଦାରଙ୍କୁ ପୋଷିବା ପାଇଁ ଏହିଭଳି କରୁଥିବା ଜନସାଧାରଣ ଅଭିଯୋଗ କରିଛନ୍ତି । ସହରର ଅଶୋକ ନଗର, ରୟତ କଲୋନୀ, ମାଙ୍କଡଖୋଲା, କିଆଖୋଲା, କଟୁରୁ, ଜୟରାମଗୁଡା, କୁମ୍ଭାରଗୁଡା, ଉତ୍କଳମଣି ନଗର, ବୁଦ୍ଧୁରାବାଲସା, ନେହେରୁ ନଗର, ଇନ୍ଦିରାନଗର, କୋଅପରେଟିଭ କଲୋନୀ ଅଞ୍ଚଳ ଅବସ୍ଥା ନ କହିବା ଭଲ । ତେଣୁ ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଜମାଖାତାରୁ ୫୮ ହଜାର ଟଙ୍କା ଗାଏବ ଅଭିଯୋଗ

ଗୁଣପୁର, ୧୭।୭( ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସହର କରାବାଙ୍କ କଲୋନୀରେ ରହୁଥିବା କାହ୍ନୁଚରଣ ପାଢୀଙ୍କ ପତ୍ନୀଙ୍କ ଏସବିଆଇ ଆକାଉଣ୍ଟରୁ ୫୮ ହଜାର ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି । ରବିବାର ବିଳମ୍ବିତ ରାତିରେ ପ୍ରଥମେ ୨ ହଜାର ଟଙ୍କା ଉଠାଣ ହୋଇ ଥିଲା । ସୋମବାର ସକାଳେ ୨ ହଜାର ଟଙ୍କା ଉଠାଣ ହୋଇଥିବା ମେସେଜ ଆସିଥିଲା । ଫଳରେ ପରିବାର ଲୋକେ ସୋମବାର ସକାଳେ ସାଇବର ହେଲପ ଡେସ୍କ ସହ ଯୋଗାଯୋଗ କରିଥିଲେ । ଏହି ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ୫ହଜାର ଟଙ୍କା ହିସାବରେ ୩ ଥର ଉଠାଣ ହୋଇଥିଲା। ଶେଷରେ ଏକାଥରକେ ୪୧ ହଜାର ଟଙ୍କା ସମୁଦାୟ ୫୮ ହଜାର ଆକାଉଣ୍ଟରୁ ଗାଏବ ହୋଇଥିବା କାହ୍ନୁଚରଣ କହିଛନ୍ତି । ସାଇବର ହେଲପ ଡେସ୍କକୁ ବ୍ୟାଙ୍କର ସମସ୍ତ ବିବରଣୀ ସହ ଅଭିଯୋଗପତ୍ର ଦାଖଲ କରିଛନ୍ତି ।

## ପରିତ୍ୟକ୍ତ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଫଳକ

ରାୟଗଡ଼ା,୧୭।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ଫଳକକୁ ଆବର୍ଜନା କୁଢ଼ରେ ଫୋପାଡ଼ି ଦିଆଯାଇଥିବା ନଜରକୁ ଆସିଛି । ଯେଉଁ କାର୍ଯ୍ୟସ୍ଥଳୀରେ ଉକ୍ତ ଫଳକ ଲଗାଯିବା କଥା ସେଠାରେ ନ ଲାଗି ରାୟଗଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଫିଙ୍ଗା ଯାଇଥିବା ପରିଲକ୍ଷିତ ହୋଇଛି । ଏଭଳିକି ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଥିବା ଉକ୍ତ ଫଳକକୁ ଓଲଟା ଭାବରେ ଆବର୍ଜନା ଗଦାରେ ରଖାଯାଇଛି । ଯାହାକି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏକ ବଡ ଅପମାନ ବୋଲି ବୁଦ୍ଧିଜୀବୀ କହିଛନ୍ତି । ବିଭିନ୍ନ ପ୍ରକାର ଦୁର୍ନୀତିକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥିବା ରାୟଗଡା ପୂର୍ତ୍ତ ବିଭାଗ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ଅସମ୍ମାନ କରିବାରେ ପଛାଇଲା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି, ଯାହାକି ଏକ



ଅକ୍ଷମଣୀୟ ଅପରାଧ ବୋଲି କୁହାଯାଉଛି । ତେବେ କେଉଁ କାରଣରୁ ଏହି ଫଳକକୁ ଏକ ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦିଆଯାଇଛି ତାହା ତଦନ୍ତସାପେକ୍ଷ । ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ଯେଉଁ ସ୍ଥାନରେ ଲାଗିବାକୁ ଆସିଥିଲା ସେଠାରେ ସ୍ଥାନ ଅଭାବରୁ ଲାଗି ନାହିଁ । ତେଣୁ ଏହାକୁ ଏଠାରେ ରଖାଯାଇଛି ଲଗେଇବା ପାଇଁ । ଖୁବଶୀଘ୍ର ଉପଯୁକ୍ତ ସ୍ଥାନରେ ଲଗାଯିବ ବୋଲି ସେ କହିଛନ୍ତି ।

# ପ୍ରେସ୍ ୟୁନିୟନ ପକ୍ଷରୁ ଚାରାରୋପଣ

ରାୟଗଡ଼ା, ୧୭।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ଜିଲା ପ୍ରେସ୍ ୟୁନିୟନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ସୁବାସ ଚନ୍ଦ୍ର ସୂର୍ଯ୍ୟଙ୍କ ନେତୃତ୍ୱରେ ପୂର୍ବତଟ ରେଳପଥ ଅଧୀନ ଜେମାଦେଇପେଣ୍ଠ ରେଳବାଇ ଷ୍ଟେଶନ ପ୍ରାଙ୍ଗଣରେ ଅନୁଷ୍ଠିତ ଚାରାରୋପଣ କାର୍ଯ୍ୟକ୍ରମରେ ରାୟଗଡା ରେଲୱେର ଆସିଷ୍ଟାଣ୍ଟ ସିଗ୍‌ନାଲ ଏବଂ ଟେଲିକମ୍ ଅଧିକାରୀ ବାଲା ଗଙ୍ଗାଧର,ଏଡିଇଏନ୍ ସଞ୍ଜୀବ ଦୀକ୍ଷିତ, ଜେମାଦେଇପେଣ୍ଠ ରେଲୱେ ଷ୍ଟେଶନ



ମାଷ୍ଟର ଅଜିତ ଭୁଏ,ଜେମାଦେଇପେଣ୍ଠ ନାଏବ ସରପଞ୍ଚ ସଚିନ ମେଲେକା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ । ସଂଘ ପକ୍ଷରୁ ଏଠାରେ ୬୦ଟି ଦେବଦାରୁ ଚାରାରୋପଣ କରାଯାଇଛି ।

ପରିବେଶକୁ ସୁରକ୍ଷା ଦେବାକୁ ହେଲେ ବିପୁଳ ପରିମାଣରେ ଚାରାରୋପଣ କରିବା ଆବଶ୍ୟକ । ଏଭଳି ଚାରାରୋପଣ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଅନ୍ୟମାନଙ୍କୁ ପ୍ରେରଣାଦାୟୀ ହେବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ରାୟଗଡ଼ା ବନାଞ୍ଚଳର ବନପାଳ ଗୌରୀଶଙ୍କର ସାହୁ, ବନରକ୍ଷୀ ନିରୁପମା ମହାପାତ୍ର, କୁନ୍ତଳା କଣ୍ଡାଗରୀ, ରାଜୁ ଦୋରା ପ୍ରମୁଖ ଉପସ୍ଥିତ ଥିଲେ । ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ମହାରଣା, ଉପଦେଷ୍ଟା ଶିବ ନାରାୟଣ ଗଉଡ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ ।

# ଯୋଗଦେଲେ ରାୟଗଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ

**ପୁଣେରେ ଜନଜାତିର ସର୍ବାଙ୍ଗୀନ ବିକାଶ ସମ୍ପର୍କିତ କର୍ମଶାଳା**

ରାୟଗଡା, ୧୭।୭ (ଭାଗ୍ୟଶ୍ରୀ ମିଶ୍ର)

ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଜନଜାତି ନେତୃତ୍ୱ ସମ୍ପର୍କିତ ୧୦ ଦିନିଆ କର୍ମଶାଳା ପୁଣେର ପାଞ୍ଚଘାନୀଠାରେ ଆୟୋଜିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ରାୟଗଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା ଯୋଗଦେଇ ଫେରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଭାଗନେବାକୁ ୭୦୦ ଜଣ ଆବେଦନ କରିଥିବା ବେଳେ ୯୭ଜଣଙ୍କୁ ଚୟନ କରାଯାଇଥିଲା । ଗତ ୩ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କର୍ମଶାଳା ଆୟୋଜିତ



ପୁଣେର ପାଞ୍ଚଘାନୀଠାରେ ଆୟୋଜିତ କର୍ମଶାଳାରେ ଉପସ୍ଥିତ ପ୍ରତିନିଧି ।

ହୋଇଥିଲା । ଜାତୀୟ ସ୍ତରରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ପରମ୍ପରା, ରାଜନୀତିକ, ଅର୍ଥନୀତିକ ସ୍ତରରେ ସମ୍ପ୍ରଦାୟର ବିକାଶ କରିବା, ଆଧୁନିକ ଯୁଗ ସହ ସେମାନେ କିପରି ତାଳ ଦେଇ ଚାଲିପାରିବେ, ଜନଜାତିକୁ କିପରି ସ୍ୱାବଲମ୍ବୀ କରାଯାଇପାରିବ ସେ ନେଇ କର୍ମଶାଳାରେ ଆଲୋଚନା କରାଯାଇଥିବା ହର ପ୍ରସାଦ ହେପୃକା ପ୍ରକାଶ କରିଛନ୍ତି ।

# ବିସ୍ଥାପିତଙ୍କୁ ବସ୍‌ଷ୍ଟାଣ୍ଡରେ ଦୋକାନ ଘର ନ ମିଳିଲେ ଆନ୍ଦୋଳନ

ମୁନିଗୁଡା, ୧୭।୭ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ାରେ ନିର୍ମାଣାଧୀନ ନୂତନ ବସଷ୍ଟାଣ୍ଡ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଆରମ୍ଭ ହେବା ପୂର୍ବରୁ ବିବାଦ ଘେରକୁ ଆସିଯାଇଛି । ପୁରୁଣା ବସ୍‌ଷ୍ଟାଣ୍ଡରୁ କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନ ଭାଙ୍ଗିବା ସମୟରେ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ନୂତନ ବସଷ୍ଟାଣ୍ଡ ନିର୍ମାଣ ସରିଲେ ସେମାନଙ୍କୁ ଏହି ପରିସରରେ ଥଇଥାନ କରାଯିବ । ହେଲେ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ନିର୍ମିତ ନୂଆ ଦୋକାନ ଘର ଗୁଡ଼ିକୁ ସରକାର ଟେଣ୍ଡର କରି କିଛି ମୁଷ୍ଟିମେୟ ଲୋକଙ୍କ ହାତରେ ଟେକି ଦେବାକୁ ଯୋଜନା କରୁଥିବା ଶୁଣିବାକୁ ମିଳିଛି । ପୁରୁଣା ବସ୍‌ଷ୍ଟାଣ୍ଡରେ ଦୋକାନ ହରେଇ ଥିବା ଦୋକାନୀଙ୍କୁ ଯଦି ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଦୋକାନ ନ ମିଳେ ତେବେ ଆଗାମୀ ଦିନରେ ବଡ଼ ଜନ ଆନ୍ଦୋଳନ କରାଯିବ ବୋଲି ବିସ୍ଥାପିତ ଦୋକାନୀମାନେ ଚେତାବନୀ ଦେଇଛନ୍ତି । ପୂର୍ବରୁ ବସ୍‌ଷ୍ଟାଣ୍ଡ ପରିସରରେ ଛୋଟ ମୋଟ ବ୍ୟବସାୟ କରି ଗୁଜୁରାଣ ମେଣ୍ଟାଉଥିବା ବ୍ୟବସାୟଙ୍କ ସ୍ଥାୟୀ ସମାଧାନ ପାଇଁ ଦାବି ହୋଇଛି ।

ଅନ୍ୟପକ୍ଷରେ ଯଦି ସରକାର ଦୋକାନ ଗୃହକୁ ଟେଣ୍ଡର ମାଧ୍ୟମରେ ଦିଅନ୍ତି ଏହି ଛୋଟ ବେପାରୀଙ୍କ ଦୁଃଖ ବୁଝିବ କିଏ ବୋଲି କ୍ଷୁଦ୍ର ବ୍ୟବସାୟୀଙ୍କ ପକ୍ଷରୁ ପ୍ରଶ୍ନ କରାଯାଇଛି । ନୂତନ ବସଷ୍ଟାଣ୍ଡ ପରିସରରେ ତିଆରି ହୋଇଥିବା ଦୋକାନ ଗୃହ ଛୋଟ ବ୍ୟବସାୟମାନଙ୍କୁ ଦିଆଗଲେ ସେମାନଙ୍କର ସ୍ଥାୟୀ ବ୍ୟବସାୟ ହୋଇପାରିବ ବୋଲି କ୍ଷୁଦ୍ର ବ୍ୟବସାୟୀ ବାବୁଲା ନାହାକ, ସତ୍ୟ ସାହୁ, ସନ୍ତୋଷ ଗୌଡ, କୁମାର ରାଜୁ, ରମେଶ ଗୌଡ଼, ଗରିବ ଗରଡିଆ, ଭିମ ବେହେରା, ବିଷିକେଶନ ବେହେରା, ଲକ୍ଷ୍ମୀ ସାହୁ, ପ୍ରକାଶ ସାହୁ, ବେଣୁ ବେହେରା ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି । ସୂଚନା ଥାଉକି ବସ ଷ୍ଟାଣ୍ଡ ଭାଙ୍ଗିବା ସମୟରେ ଉକ୍ତ ପରିସରରେ ଥିବା କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ନୂଆ ବସଷ୍ଟାଣ୍ଡରେ ଦୋକାନ ଘର ଯୋଗାଇ ଦିଆଯିବ ବୋଲି ତତ୍କାଳୀନ ମୁନିଗୁଡ଼ା ବିଡିଓ, ତହସିଲଦାର ଓ ପୋଲିସ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏବେ ସେମାନଙ୍କର ସବୁ ବଦଳି ହୋଇଯାଇଥିବାବେଳେ ପ୍ରଶାସନ ପକ୍ଷରୁ ଦୋକାନ ଗୃହ ବଣ୍ଟନ ପାଇଁ ଟେଣ୍ଡର କରାଯିବାକୁ ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।



ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ଥିବା ଦୋକାନ ଗୃହ ।

# ୮୨ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲାପାଳ

ପଦ୍ମପୁର, ୧୭।୭ (ପ୍ରଶାନ୍ତ କର )

ରାୟଗଡା ଜିଲା ପ୍ରଶାସନ ତରଫରୁ ପଦ୍ମପୁର ବ୍ଲକ ଲିଙ୍ଗିପଦର ଗ୍ରାମ ପଞ୍ଚାୟତ ସଦର ମହକୁମାସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଗୁଣପୁର ଉପ ଜିଲାପାଳ ଲଳିତ କୁମାର କହଁର, ଗୁଣପୁର ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଅତିରିକ୍ତ ଉନ୍ନୟନ ଅଧିକାରୀ ଜିଲା ପରିଷଦ ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ମୋଟ ୮୨ଟି ଅଭିଯୋଗ ଶୁଣାଣି ହୋଇଥିଲା । ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ଅଭିଯୋଗ ଥିଲାବେଳେ ୧୨ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା । ଏହି ପରିପ୍ରେକ୍ଷୀରେ ଅତିରିକ୍ତ ଜିଲାପାଳ ପ୍ରଧାନ ହିତାଧିକାରୀଙ୍କୁ ମୋ ଘର ଯୋଜନାର ପ୍ରଥମ କିସ୍ତି ଟଙ୍କା ପ୍ରଦାନ



ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି ।

କରିବା ସହ ୮ ଜଣଙ୍କୁ ତତ୍କାଳ ଭତ୍ତା ମଞ୍ଜୁର କରିପ୍ରଦାନ କରିଥିଲେ । ସେହିପରି ଗୋଟିଏ ବିଦ୍ୟାଳୟକୁ ‘ମୋ ସ୍କୁଲ’ ପଟ୍ଟା ମଧ ପ୍ରଦାନ କରିଥିଲେ । ଅଭିଯୋଗ ଶୁଣାଣି ଶେଷ ହେବା ପରେ ଗୁଣପୁର ଉପ ଜିଲାପାଳ ଓ ଅତିରିକ୍ତ ନିର୍ବାହୀ ଅଧିକାରୀ ଲିଙ୍ଗିପଦର ୫-ଟି ସ୍କୁଲ ପରିଦର୍ଶନ କରିଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲା ସ୍ତରୀୟ ଅଧିକାରୀଙ୍କ ସମେତ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଏଲ ସନ୍ତୋଷ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଉଠା ଜଳସେଚନ ନିର୍ବାହୀ ଯନ୍ତ୍ରୀ, ପଦ୍ମପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗଗୁଡିକର ଶୁଣାଣି କରିଥିଲେ । ଅଭିଯୋଗଗୁଡିକ ମଧ୍ୟରେ ବିଶେଷକରି ରାସ୍ତା, ପାନୀୟ ଜଳ, ବିଦ୍ୟୁତୀକରଣ, ଘରବାରି ପଟ୍ଟା ପ୍ରଦାନ, କଲ୍ୟାଣ ମଣ୍ଡପ ନିର୍ମାଣ, ବଡ଼ନାଳ

**ଲିଙ୍ଗିପଦର ପଞ୍ଚାୟତରେ ଯୁଗ୍ମ ଅଭିଯୋଗ ଶୁଣାଣି**

କେନାଲ ପାଣି ବଣ୍ଟନ ଆଦି ନିମନ୍ତେ ଦରଖାସ୍ତ ଆସିଥିବା ଜଣାପଡ଼ିଛି । ଅତିରିକ୍ତ ଜିଲାପାଳ ଅଭିଯୋଗଗୁଡ଼ିକୁ ପାଇଲା ପରେ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପଦ୍ମପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଯୋଗାଣ ନିରୀକ୍ଷକ, ଲିଙ୍ଗିପଦର ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଯୋଗାଣ ସହାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁର ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀ ପ୍ରଭାକର ମଲ୍ଲିକ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ, ପଦ୍ମପୁର ଥାନା ଅଧିକାରୀ ମୁକୁନ୍ଦଦେବ ନାୟକ, ବ୍ଲକ ମିଶନ ଶକ୍ତି କୋଅର୍ଡିନେଟର ସୁନୀଲ ମିଶ୍ର, ପଦ୍ମପୁର ତହସିଲଦାର ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

## ସଂକ୍ଷେପରେ

### ଜମାଖାତାରୁ ୫୮ ହଜାର ଟଙ୍କା ଗାଏବ ଅଭିଯୋଗ

ଗୁଣପୁର, ୧୭।୭( ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର ସହର କରାବାଙ୍କ କଲୋନୀରେ ରହୁଥିବା କାହ୍ନୁଚରଣ ପାଢୀଙ୍କ ପତ୍ନୀଙ୍କ ଏସବିଆଇ ଆକାଉଣ୍ଟରୁ ୫୮ ହଜାର ଟଙ୍କା ଗାଏବ ହୋଇଯାଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ପ୍ରଥମେ ୨ ହଜାର ଟଙ୍କା ଉଠାଣ ହୋଇଥିଲା। ସୋମବାର ସକାଳେ ୨ ହଜାର ଟଙ୍କା ଉଠାଣ ହୋଇଥିବା ମେସେଜ ଆସିଥିଲା। ଫଳରେ ପରିବାର ଲୋକେ ସୋମବାର ସକାଳେ ସାଇବର ହେଲପ ଡେସ୍କ ସହ ଯୋଗାଯୋଗ କରିଥିଲେ। ଏହି ସମୟରେ ଦ୍ୱିତୀୟ ପର୍ଯ୍ୟାୟରେ ୫ହଜାର ଟଙ୍କା ହିସାବରେ ୩ଥର ଉଠାଣ ହୋଇଥିଲା। ଶେଷରେ ଏକାଥରକେ ୪୧ ହଜାର ଟଙ୍କା ସମୁଦାୟ ୫୮ ହଜାର ଆକାଉଣ୍ଟରୁ ଗାଏବ ହୋଇଥିବା କାହ୍ନୁଚରଣ କହିଛନ୍ତି। ସାଇବର ହେଲପ ଡେସ୍କକୁ ବ୍ୟାଙ୍କର ସମସ୍ତ ବିବରଣୀ ସହ ସୋମବାର ଅଭିଯୋଗପତ୍ର ଦାଖଲ କରିଥିବା ସେ କହିଛନ୍ତି।

### ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚିବ

ପଦ୍ମପୁର, ୧୭।୭ (ପ୍ରଶାନ୍ତ କର)- ପଦ୍ମପୁରସ୍ଥିତ ଅଭ୍ୟାସ ଟେକ୍ନୋ ସ୍କୁଲରେ ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ୯୧ତମ ଜନ୍ମଦିବସ ପୂର୍ବଦିନରେ ଗୁରୁ ଭାଇଭଉଣୀମାନଙ୍କ ପକ୍ଷରୁ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୁରୁ ଭାଇଭଉଣୀମାନେ ଅଭ୍ୟାସ ଟେକ୍ନୋ ସ୍କୁଲ ପ୍ରାଙ୍ଗଣରେ ୭୦ଟି ଚାରାରୋପଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଏଡିଏମ୍ ସୋମନାଥ ପ୍ରଧାନ, ପଦ୍ମପୁର ତହସିଲଦାର ଗୀତାଞ୍ଜଳି ବେହେରା ଏବଂ ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ସମେତ ଗୁରୁଭାଇ ଉଦୟ ଶଙ୍କର, ଲାଡି ନାଗେଶର ରାଓ, ବାସିନୀ ଭୂଜଙ୍ଗ, ଲାଡି ତୁକାରାମ, ଗାୟତ୍ରୀ ପଣ୍ଡା, ଜନାର୍ଦ୍ଦନ ସେନାପତି, ସୋମନାଥ ସାହୁ, ଓଡ଼ିଆ ଭାଇ ଉଦୟନାଥ ସାହୁ, ଜଗା ଭାଇ,ରାମା ଭାଇ, କେ.ଏମାନା ମୂର୍ତ୍ତି, ସୁରେନ୍ଦ୍ର ପୃଷ୍ଟି ଯୋଗଦେଇଥିଲେ । ଏହି ଅବସରରେ ଏଡିଏମ୍ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ମହତ୍ତ୍ୱ ମଧ ବୁଝାଇଥିଲେ। ବୃକ୍ଷ ହିଁ ଜୀବନ ଏବଂ ବୃକ୍ଷ ବଞ୍ଚିଲେ ଜୀବନ ବଞ୍ଚିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ତେଣୁ ଅଭ୍ୟାସ ସ୍କୁଲର ଛାତ୍ରୀଛାତ୍ରଙ୍କ ଜନ୍ମଦିନରେ ଗୋଟିଏ ଗଛ ଲଗାଇବା ପାଇଁ ସେ ପରାମର୍ଶ ଦେଇଥିଲେ।

### ପରିତ୍ୟକ୍ତ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କ ଫଳକ

ରାୟଗଡ଼ା,୧୭।୭ (ଆଶିଷ ରଞ୍ଜନ ପଣ୍ଡା)- ରାୟଗଡା ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ଫଳକକୁ ଆବର୍ଜନା କୁଢ଼ରେ ଫୋପାଡ଼ି ଦିଆଯାଇଥିବା ନଜରକୁ ଆସିଛି। ଯେଉଁ କାର୍ଯ୍ୟସ୍ଥଳୀରେ ଉକ୍ତ ଫଳକ ଲଗାଯିବା କଥା ସେଠାରେ ନ ଲାଗି ରାୟଗଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଫିଙ୍ଗା ଯାଇଥିବା ପରିଲକ୍ଷିତ ହୋଇଛି। ଏଭଳିକି ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିଥିବା ଉକ୍ତ ଫଳକକୁ ଓଲଟା ଭାବରେ ଆବର୍ଜନା ଗଦାରେ ରଖାଯାଇଛି। ଯାହାକି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଏକ ବଡ ଅପମାନ ବୋଲି ବୁଦ୍ଧିଜୀବୀ କହିଛନ୍ତି। ବିଭିନ୍ନ ପ୍ରକାର ଦୁର୍ନୀତିକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥିବା ରାୟଗଡା ପୂର୍ତ୍ତ ବିଭାଗ ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ଅସମ୍ମାନ କରିବାରେ ପଛାଇଲା ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି, ଯାହାକି ଏକ ଅକ୍ଷମଣୀୟ ଅପରାଧ ବୋଲି କୁହାଯାଉଛି। ତେବେ କେଉଁ କାରଣରୁ ଏହି ଫଳକକୁ ଏକ ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦିଆଯାଇଛି ତାହା ତଦନ୍ତସାପେକ୍ଷ । ଏନେଇ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମ୍ବିକେୟ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଏହା ଯେଉଁ ସ୍ଥାନରେ ଲାଗିବାକୁ ଆସିଥିଲା ସେଠାରେ ସ୍ଥାନ ଅଭାବରୁ ଲାଗି ନାହିଁ। ତେଣୁ ଏହାକୁ ଏଠାରେ ରଖାଯାଇଛି ଲଗେଇବା ପାଇଁ ଖୁବଶୀଘ୍ର ଉପଯୁକ୍ତ ସ୍ଥାନରେ ଲଗାଯିବ ବୋଲି ସେ କହିଛନ୍ତି।

# ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କ୍ଷେତ ମଜଦୁର ସଂଘର ବିକ୍ଷୋଭ ।

ମାଲକାନଗିରି,୧୭।୭(ଦୁର୍ଯ୍ୟୋଧନ ପାତ୍ର)

**ଭାରତୀୟ କ୍ଷେତ ମଜଦୁର ୟୁନିୟନ**

ମାଲକାନଗିରି ଭାରତୀୟ କ୍ଷେତ ମଜଦୁର ୟୁନିୟନ ତରଫରୁ ସୋମବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ କ୍ଷେତମଜଦୁର ୟୁନିୟନ ମାଲକାନଗିରି ଜିଲା କମିଟି ତରଫରୁ ବୁଟିଗୁଡାସାହିରୁ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ।

ଦାବିଗୁଡିକ ମଧ୍ୟରେ ଚାଷୀ ମୂଲିଆଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନ, ବର୍ଷ ବର୍ଷ ଦଖଲ ଜମି ପଟ୍ଟା ପ୍ରଦାନ, ଚାଷୀ ମୂଲିଆଙ୍କୁ ୫୫ ବର୍ଷରେ ୫ହଜାର ଟଙ୍କା ପେନ୍‌ସନ, ୨୦୦ ୟୁନିଟ ମାଗଣା ବିଜୁଳି ଯୋଗାଇ ଦେବା, ଧାନ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କା ଯୋଗାଇ ଦିଆଯିବା, ଦଳିତ ଓ ଆଦିବାସୀ ଚାଷୀ ମୂଲିଆଙ୍କ ଉପରେ ସାମାଜିକ ନିର୍ଯାତନା ବନ୍ଦ କରିବା ଭଳି ଅନେକ ଦାବି ଉପସ୍ଥାପନ କରାଯାଇଥିଲା । ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିଲେ। କାର୍ଯ୍ୟକ୍ରମରେ କ୍ଷେତମଜଦୁର ୟୁନିୟନର ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# କୁହୁଡ଼ି ଜଙ୍ଗଲମୁହାଁ ନରହନ୍ତା ହାତୀ

ଝରିଗାଁ,୧୭।୭(କିଶୋର ଚନ୍ଦ୍ର ମଣ୍ଡଳ)



ନବରଙ୍ଗପୁର ଜିଲା ପାନାବେଡ଼ା ରିଜର୍ଭ ଜଙ୍ଗଲ ଅଧୀନ ମୋହରା ସେକ୍ସନ ବନ୍ଦକଣା ବିଟ୍ ବରାଗୁଡ଼ା ଜଙ୍ଗଲରେ ନରହନ୍ତା ହାତୀକୁ ଦେଖିବାକୁ ମିଳିଛି। ଦିନ ସାରା ସେଠାରେ ବନ ବିଭାଗ ଟିମ୍ ସେଠାରେ ଜଗି ରହିଥିବାବେଳେ ସୋମବାର ସନ୍ଧ୍ୟା ପ୍ରାୟ ୬ଟା ୪୧ମିନିଟ୍‌ରେ ହାତୀଟିକୁ ଦେଖିବାକୁ ମିଳିଥିଲା। ହାତୀଟି ପୂର୍ବ ଦିଗରେ ରହିଥିବା କୁହୁଡି ଜଙ୍ଗଲ ଅଭିମୁଖେ ଯାଇଥିବା ଝରିଗାଁ ଡେପୁଟି ରେଞ୍ଜର ଗୋବିନ୍ଦ ନାଏକ କହିଛନ୍ତି।। ହାତୀ ରହିଥିବା ଆଖପାଖ କୁହୁଡି, କୁହାଆମ୍ବ, କାଶିପାନି, କଦଳିଭଣ୍ଡା, ବନିପଦର ଆଦି ଗାଁରେ ଲୋକଙ୍କୁ ଡ଼ାକବାଜି ଯନ୍ତ୍ର ସହାୟତାରେ ସତର୍କ ରହିବା ପାଇଁ ସଚେତନ କରାଯାଇଛି। ପ୍ରକାଶ ଯେ, ଉକ୍ତ ହାତୀଟି ମଙ୍ଗଳବାର ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାନ୍ତଗାଁ ଗ୍ରାମ ନିକଟରେ ଜଣେ ଜଙ୍ଗଲ ଜଗୁଆଳିଙ୍କୁ ଦଳି ଦେଇଥିଲା। ଏହାପରେ ରବିବାର ସନ୍ଧ୍ୟା ପ୍ରାୟ ୭ଟାରେ ଯୋଗିପଦର ଗ୍ରାମରେ ଥାଟବେଡ଼ା ଗ୍ରାମର ଆସମତି ଭତ୍ରାଙ୍କୁ ଶୁଣ୍ଢରେ ବୁଲାଇ କଚାଡ଼ି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ବନବିଭାଗ ଓ ୱାଇଲଡ ଲାଇଫର ସମସ୍ତ କର୍ମଚାରୀ ମୃତ ମହିଳାଙ୍କ ମୃତଦେହ ଉଦ୍ଧାର କରି ଝରିଗାଁ ମେଡିକାଲକୁ ପଠାଇଥିଲେ। ରାତିସାରା ଯୋଗୀପଦର ଅଞ୍ଚଳରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଇଥିଲା।

# ପରିବାର ନିୟୋଜନ ଅସ୍ତ୍ରୋପଚାର ପରେ ତଳେ ଶୋଇଛନ୍ତି ମହିଳା, ଆପତ୍ତି ଉଠାଇଲା କଂଗ୍ରେସ


ଅସ୍ତ୍ରୋପଚାର ପରେ ଡାକ୍ତରଖାନା ବାରଣ୍ଡାରେ ମହିଳାମାନେ ତଳେ ଶୋଇଛନ୍ତି।

ମାଥିଲି,୧୭।୭(ସୁବାସ ଚନ୍ଦ୍ର ଖୁଡୁପିଆ)

**ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**

ମାଲକାନଗିରି ଜିଲା ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଦିବାସୀ ମହିଳାମାନେ ରବିବାର ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ଲାଗି ଆସିଥିଲେ। ଅପରେଶନ ପରେ ସେମାନଙ୍କୁ ବେଡ୍ ଯୋଗାଇ ଦିଆଯାଇ ନାହିଁ। ସେମାନେ ବାରଣ୍ଡାରେ ଅସ୍ୱାସ୍ଥ୍ୟକର ପରିବେଶରେ ଏଣେତେଣେ ପଡି ରହିଛନ୍ତି। ଏ ନେଇ ସୋମବାର କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଏହାର ତଦନ୍ତ ଦାବି କରିଛନ୍ତି କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା। ସ୍ୱାସ୍ଥ୍ୟକେନ୍ଦ୍ରରେ ଯେପରି ସେବା ଯୋଗାଇ ଦିଆଯିବା କଥା ତାହା ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇପାରୁନାହିଁ। ଆଦିବାସୀ ମହିଳାମାନେ ଜନ୍ମ ନିୟନ୍ତ୍ରଣ ଅପେରେଶନ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ର ଆସିଥିଲେ। ହେଲେ ସେମାନଙ୍କୁ ଅପେରେଶନ ପରେ କେଉଁ ଅବସ୍ଥାରେ ଏଣେତେଣେ ପଡି ରହିଛନ୍ତି ତାହା ହୃଦୟ ବିଦାରକ ବୋଲି ବୁରୁଦା କହିଛନ୍ତି। ଏହାର ତଦନ୍ତ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ମାଥିଲି ସବ୍‌ଡିଭିଜନ ମେଡିକାଲ ପରିସରରେ ଏହି ଚିତ୍ର ନୁହେଁ। ରୋଗୀଟିଏ ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇବାରେ ସମସ୍ୟା ଭୋଗୁଛନ୍ତି। ଡାକ୍ତରଖାନାର ସମସ୍ତ ପାଇଖାନା ବନ୍ଦ ପଡିଛି। ଫଳରେ ରୋଗୀ ଓ ସମ୍ପର୍କୀୟ ନିକଟରେ ଥିବା ପୋଖରୀ ଉପରେ ନିର୍ଭର କରୁଛନ୍ତି। ଡାକ୍ତରଖାନା ଉନ୍ନତୀକରଣ ନିମନ୍ତେ ବାରମ୍ବାର ବିଭିନ୍ନ ବିଭାଗରେ ଅର୍ଥ ବିନିଯୋଗ କରି ବାଟମାରଣା ହେଉଛି। ଯେହେତୁ ସବ୍‌ଡିଭିଜନ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଭାବେ ଜଣେ ବରିଷ୍ଠ ଡାକ୍ତର ରଖିବା କଥା ଏଥିରେ ମଧ ପାତର ଅନ୍ତର ହେଉଛି ବୋଲି କଂଗ୍ରେସ ନେତା ବୁରୁଦା ଅଭିଯୋଗ କରିଛନ୍ତି। ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କଂଗ୍ରେସ ନେତା ଦାବି କରଛନ୍ତି। ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଯୁବନେତା ମନୋଜ କୁମାର ନାୟକ ମଧ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଅମିୟ କୁମାର ସ୍ୱାଇଁଙ୍କୁ ପଚାରିବାରୁ ମୁଁ ଭୁବନେଶ୍ୱରରେ ଅଛି, ଅସ୍ତ୍ରୋପଚାର ପରେ ମହିଳାମାନେ ତଳେ ପଡିଥିବା ଖବର ମୁଁ ଜାଣି ନାହିଁ ବୋଲି କହିଛନ୍ତି ।

### ଆଇନ ସଚେତନତା ଶିବିର

ରାୟଗଡା, ୧୭।୭ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସହରସ୍ଥିତ ମହର୍ଷି ବିଦ୍ୟାମନ୍ଦିରରେ ସୋମବାର ଜିଲା ଆଇନସେବା ପ୍ରାଧିକରଣ ତରଫରୁ (ଜେଜେ ସିପିସି ) ଆକ୍ଟ ଆଣ୍ଡ ରାଇଟ ଟୁ କମ୍ପଲସରି ବା ଶିକ୍ଷାଗତ ଅଧିକାର ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିବେଦିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଡିଜେଏମ୍ ବର୍ଷା ଦାସ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝି, ଜେ.ଜେ.ବି ବୋର୍ଡର ସଦସ୍ୟ ପ୍ରଣତୀ ପାତ୍ର, ଶିଶୁ ମଙ୍ଗଳ କମିଟିର ସଦସ୍ୟ ଜ୍ୟୋସ୍ନାମୟୀ ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ବକ୍ତବ୍ୟରେ ଶିକ୍ଷାଗତ ଅଧିକାରର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଗାରିନ ସବର, ରାୟଗଡା ବାର୍‌ଆସୋସିଏଶନର ଆଇନଜୀବୀ ସୀତାରାମ ପଣ୍ଡା, ଆଇନଜୀବୀ ରାମକ୍ରିଷ୍ଣା ପଲ୍ଲୀ, ମହର୍ଷି ବିଦ୍ୟାମନ୍ଦିରର ଅଧ୍ୟକ୍ଷ ରଞ୍ଜନ କୁମାର ସାହୁଙ୍କ ସହ ସ୍କୁଲର ଶିକ୍ଷକ, ଛାତ୍ରୀଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବୋଲେରୋ ଓଲଟି ୩ ଗୁରୁତର


ଓଲଟି ପଡିଥିବା ବୋଲେରୋ ।

ବାଲିମେଳା,୧୭।୭(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅଧୀନ ନୀଳାକାମ୍ବେରୁ ଗ୍ରାମ ନିକଟସ୍ଥ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସମ୍ମୁଖରେ ସୋମବାର ଏକ ବୋଲେରୋ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଖାଲକୁ ଓଲଟି ପଡିଛି। ଫଳରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କାମବେଡା ପାଞ୍ଚୟତ ଏମ୍‌ଭି-୨୯ ଗ୍ରାମର ଭାନୁମତୀ ଅଧିକାର(୬୦), ସଞ୍ଜିତା ଅଧିକାରୀ (୨୬) ଓ କୌଶଳ ଅଧିକାରୀ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବୋଲେରୋରେ ଥିବା ଯାତ୍ରୀଙ୍କୁ ଝରକା ପଟେ ଉଦ୍ଧାର କରି ଏକ ଗାଡି ଯୋଗେ ଚିକିତ୍ସା ଲାଗି ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇ ଓରକେଲ ଥାନା ଅଧିକାରୀ ରଘୁନାଥ ମାଝିଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ବିଭୂତି ଭୂଷଣ ସୂତାର ଏକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ବୋଲେରୋ ଜବତ କରି ତଦନ୍ତ ଜାରି ରଖିଛନ୍ତି। ଏମ୍‌ଭି-୨୯ ଗ୍ରାମର କେତେ ଜଣ ଲୋକ ବୋଲେରୋ ଭଡା କରି ଗୁପ୍ତେଶ୍ୱରଙ୍କ ଦର୍ଶନ କରି ଗ୍ରାମକୁ ଫେରୁଥିଲେ। ତେବେ ଡ୍ରାଇଭରଙ୍କ ବେପରୁଆ ଓ ଦ୍ରୁତ ଗତିରେ ଗାଡିଚାଳନା ଯୋଗୁ ଭାରସାମ୍ୟ ହରାଇ ବୋଲେରୋ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ଯାତ୍ରୀମାନେ ପ୍ରକାଶ କରିଛନ୍ତି। ବୋଲେରୋ (ଓଡ଼ି୧୦-୭୬୩୩)ଟି ତାଣ୍ଡିକୋଣ୍ଡା ଗ୍ରାମର ଗଙ୍ଗାଧର ବେହେରାଙ୍କର ବୋଲି ଜଣାପଡିଛି।

# ଯୋଗଦେଲେ ରାୟଗଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ

ରାୟଗଡା, ୧୭।୭ (ଭାଗ୍ୟଶ୍ରୀ ମିଶ୍ର)

**ପୁଣେରେ ଜନଜାତିର ସର୍ବାଙ୍ଗୀନ ବିକାଶ କର୍ମଶାଳା**

ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଜନଜାତି ନେତୃତ୍ୱ ସମ୍ପର୍କିତ ୧୦ ଦିନିଆ କର୍ମଶାଳା ପୁଣେର ପାଞ୍ଚଘାନୀଠାରେ ଆୟୋଜିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ରାୟଗଡା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା ଯୋଗଦେଇ ଫେରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଭାଗନେବାକୁ ୭୦୦ ଜଣ ଆବେଦନ କରିଥିବା ବେଳେ ୯୭ଜଣଙ୍କୁ ଚୟନ କରାଯାଇଥିଲା। ଗତ ୩ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଜାତୀୟ ସ୍ତରରେ ଜନଜାତି ସମ୍ପ୍ରଦାୟର କଳା, ସଂସ୍କୃତି, ପରମ୍ପରା, ରାଜନୀତିକ, ଅର୍ଥନୀତିକ ସ୍ତରରେ ସମ୍ପ୍ରଦାୟର ବିକାଶ କରିବା, ଆଧୁନିକ ଯୁଗ ସହ ସେମାନେ କିପରି ତାଳ ଦେଇ ଚାଲିପାରିବେ, ଜନଜାତିକୁ କିପରି ସ୍ୱାବଲମ୍ବୀ କରାଯାଇପାରିବ ସେ ନେଇ କର୍ମଶାଳାରେ ଆଲୋଚନା କରାଯାଇଥିବା ହର ପ୍ରସାଦ ହେପୃକା ପ୍ରକାଶ କରିଛନ୍ତି ।

# ମିଶନ ଶକ୍ତି ଭବନ ଉଦ୍‌ଘାଟିତ

ନନ୍ଦାହାଣ୍ଡି,୧୭।୭(ପ୍ରତୀପ ଦାଶ)


ଉଦ୍‌ଘାଟନ ଅବସରରେ ଏମ୍‌ପି, ବିଧାୟକ ଓ ଅନ୍ୟ ଅତିଥିମାନେ।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ପ୍ରାୟ ୧୧୯୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ଥିବାବେଳେ ୪୩୬ଟି ଏସ୍‌ଏଚ୍‌ଜିକୁ ୨୩ଟି ବିଭିନ୍ନ ବିଭାଗ ସହ ସମ୍ମିଳନ କରାଯାଇ ସେମାନଙ୍କୁ ଆର୍ଥିକ ସହାୟତା ସହ ବିନା ସୁଧରେ ଋଣ ଯୋଗାଇ ସ୍ୱାବଲମ୍ବୀ କରାଯାଇଛି। ସେମାନଙ୍କ ସୁବିଧା ପାଇଁ ନନ୍ଦାହାଣ୍ଡି ବ୍ଲକ ପରିସରରେ ୩୪ ଲକ୍ଷ ଟଙ୍କା ବ୍ୟୟରେ ଏକ ମିଶନ ଶକ୍ତି ଭବନ ତିଆରି କରାଯାଇଛି। ସୋମବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଏହାକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ନନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ଼, ଜୋନ ୨ ଜିଲା ପରିଷଦ ଅରୁଣ ମିଶ୍ର, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ, ବିଧାୟକ ପ୍ରତିନିଧି ଦୟାନିଧି ବିଷୋୟୀ, ସିଡିପିଓ ସସ୍ମିତା ମହାନ୍ତି , ଶିଶୁ ଓ ମହିଳା ବିକାଶ ବିଭାଗର ସମସ୍ତ କର୍ମଚାରୀ ଏବଂ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ ।

# ୩୨ ଅଭିଯୋଗ ଶୁଣିଲେ ଜିଲାପାଳ

କୋରୁକୋଣ୍ଡା,୧୭।୭(ଅବିନାଶ ବେହେରା)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବୈଠକ ଗୃହରେ ବ୍ଲକସ୍ତରୀୟ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନରେ ଥିବା ୧୨ପଞ୍ଚାୟତରୁ ବିଭିନ୍ନ ସମସ୍ୟା ନେଇ ପ୍ରାୟ ୩୨ଅଭିଯୋଗର ଜିଲାପାଳ ବିଶାଳ ସିଂ ଶୁଣାଣି କରିଥିଲେ। ସେଥିରୁ ଅଧିକାଂଶ ଅଭିଯୋଗ ନିମ୍ନମାନର ରାସ୍ତା ଯୋଗୁ ଆଞ୍ଚଳବାସୀ ଅସୁବିଧା ଭୋଗୁଥିବା ନେଇ ଅଭିଯୋଗ ଆସିଥିଲା। ଯେମିତିକି କୋରୁକୋଣ୍ଡା ବ୍ଲକ ସଦର ଅସ୍ଥାୟୀ ବସ୍‌ଷ୍ଟାଣ୍ଡଠାରୁ ଗାନ୍ଧୀଛକ ଦେଇ ଗଡଡ ସାହିକୁ ସଂଯୋଗ କରୁଥିବା ରାସ୍ତାଟି ଦୀର୍ଘ ବର୍ଷ ହେବ କାମ ହୋଇନଥିବାରୁ ନଷ୍ଟ ହୋଇଯାଇଛି। ଅସରାଏ ବର୍ଷାହେଲେ ରାସ୍ତା ଉପରେ ଆଣ୍ଠୁଏ ପଣି ଜମି ରହୁଥିବାରୁ ସେହି ରାସ୍ତାରେ ଯିବା ଆସିବା କଷ୍ଟ ହୋଇପଡୁଛି। ବର୍ତ୍ତମାନ କିଛିଦିନ ପୂର୍ବେ ଅଞ୍ଚଳକୁ ଜଳ ଯୋଗାଣ ପାଇଁ କାର୍ଯ୍ୟ କରୁଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଗ୍ରାମରେ ପାଇପ ପୋତା ଯାଇଥିବାରୁ ଉକ୍ତ ରାସ୍ତାକୁ ଖନନ କଲାପରେ ବହୁତ ଖରାପ ହୋଇଯାଇଥିବା ସାହି ବାସିନ୍ଦା ଅଭିଯୋଗ କରିଥିଲେ। ସେହି ଭାବରେ ଦୀର୍ଘ ବର୍ଷ ହେବ ଅର୍ଦ୍ଧ ନିର୍ମିତ ହୋଇ ପଡିଥିବା କୋରୁକୋଣ୍ଡାଠାରୁ କାମୱାଡା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାକୁ ଶୀଘ୍ର କରିବା ପାଇଁ ଆଞ୍ଚଳବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ।

ସେହିପରି ଏମ୍‌ଭି-୩୭ ମିଲଛକଠାରୁ ଏମ୍‌ଭି-୩୬ଦେଇ ଅପର ପାର୍ଶ୍ୱରେ ଥିବା ବାଲିମେଳା ଗୁମ୍ପା ମୁଖ୍ୟ ରାସ୍ତା କରିବା ପାଇଁ ଅଧା ଛାଡିଦେଇ ଥିବାରୁ ଏବେ ସେହି ରାସ୍ତାରେ ଯିବା ଆସିବା କଷ୍ଟ ହୋଇପଡୁ ଥିବାରୁ ରାସ୍ତାକାମ ଶୀଘ୍ର ସାରିବାକୁ ଜିଲାପାଳଙ୍କୁ ଗ୍ରାମବାସୀ ଅନୁରୋଧ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହିପରି ଭାବେ ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗର ଅତି ଶୀଘ୍ର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜନ ଶୁଣାଣିରେ ଜିଲାପାଳଙ୍କ ସମେତ ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ, କୋରୁକୋଣ୍ଡା ପଞ୍ଚୟତ ସମିତି ଅଧ୍ୟକ୍ଷ ଜିତୁ ବୁରୁଡି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ ନନ୍ଦ, ପିଡିଡିଆରଡିଏ ରତ୍ନାକର ସାହୁ, କୋରୁକୋଣ୍ଡା ବିଡିଓ ବେଦବ୍ୟାସ ଭୋଇଙ୍କ ସମେତ ବିଭିନ୍ନ ଅଧିକାରୀ ଓ କୋରୁକୋଣ୍ଡା ପଞ୍ଚାୟତ ସମିତିର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।


ଜିଲାପାଳ ଓ ଅନ୍ୟମାନେ ଅଭିଯୋଗ ଶୁଣୁଛନ୍ତି ।

# 'ବିଦ୍ୟା ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ'

**ସତ୍ୟାନନ୍ଦ ସରସ୍ୱତୀଙ୍କ ୮୧ ତମ ଜୟନ୍ତୀ**

ନବରଙ୍ଗପୁର,୧୭।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମାଝିଗୁଡାସ୍ଥିତ ଦିନଦୟାଲ ଉପାଧ୍ୟାୟ ବାଳିକା ବିଦ୍ୟାଳୟଠାରେ କାଳୀକୃଷ୍ଣ ସଂଘ ପକ୍ଷରୁ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ୮୧ ତମ ଜୟନ୍ତୀ ସୋମବାର ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସଂଘ ସଭାପତି ଜଗଦାନନ୍ଦ ସରସ୍ୱତୀ ଯୋଗଦେଇ ଛାତ୍ରୀମାନଙ୍କୁ ବିଦ୍ୟାହିଁ ଶ୍ରେଷ୍ଠ। ଅଧ୍ୟୟନ ହିଁ ସମସ୍ତଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ। ଛାତ୍ରୀମାନେ ନିଜର ଅନ୍ତର୍ନିହିତ ଦକ୍ଷତାକୁ ନେଇ ଆଗକୁ ବଢିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ବିଦ୍ୟା ହିଁ ଜଣକୁ ଉତ୍ତମ ମାର୍ଗ ଦେଖାଇଥାଏ ବୋଲି ପ୍ରକାଶ କରି ଗୌତମ ବୁଦ୍ଧ ଓ ଚାଣକ୍ୟଙ୍କ କିଛି ସଫଳତାର କାହାଣୀ ଛାତ୍ରୀମାନଙ୍କୁ ଶୁଣାଇଥିଲେ। ଆଶ୍ରମର ବାଳିକାମାନଙ୍କୁ ବ୍ରେଡ, ବିସ୍କୁଟ, ଚପଲ ଓ କେତେକ ଆବଶ୍ୟକୀୟ ଉପକରଣ ପ୍ରଦାନ କରିଥିଲେ। ଜିଲା ଶିଶୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୁରୁଙ୍କ କୃପା ପାଳନ ଦ୍ୱାରା ଜଣେ ଉତ୍ତମ ନାଗରିକ ହୋଇ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିପାରିବ ବୋଲି ଅତିଥି ଗିରିଧାରୀ ମିଶ୍ର କହିଥିଲେ। ନିମାଇ ଚରଣ ନାହାକ, ବୀରେନ୍ଦ୍ର ନାୟକ, ସଦାଶିବ ମହାରଣା, ସଂଘ ପ୍ରମୁଖ ସହଯୋଗ କରିଥିଲେ।



ଆଶ୍ରମ ବିଦ୍ୟାଳୟରେ ଜଗଦାନନ୍ଦ ସରସ୍ୱତୀ ବାଳିକାମାନଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରୁଛନ୍ତି।

## ସଂକ୍ଷେପରେ

### ଜଳସେଚନ ବ୍ୟବସ୍ଥା ଦାବି

ଡାବୁଗାଁ, ୧୭।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଚଳିତ ବର୍ଷ ସ୍ୱଳ୍ପ ବର୍ଷା ଯୋଗୁ ଚାଷ କାମ ଆଗେଇ ପାରୁନାହିଁ। ଧାନ ଚାଷ ଅଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ସ୍ଥାନୀୟ ଚାଷୀମାନେ ଅନୁକୂଳ ପାଗ ଦେଖି ଧାନ ତଳି ପକାଇଥିବା ବେଳେ ବର୍ଷା ଅଭାବ ଯୋଗୁ ତଳି ଉପାଡି ହେଉନାହିଁ। ସେହିପରି ଧାନ ଜମିଗୁଡ଼ିକରେ ପାଣି ନ ଥିବା ଯୋଗୁ ଧାନ ରୁଆ କାମ ହୋଇପାରୁନାହିଁ। ଏହାକୁ ନେଇ ଚାଷୀମାନେ ଚିନ୍ତାରେ। ୭ ଦିନ ମଧ୍ୟରେ ଜମିରେ ଧାନ ତଳା ରୋଇଲା ଭଳି ବର୍ଷା ନ ହେଲେ ଚାଷ ନଷ୍ଟହେବା ଆଶଙ୍କା ରହିଛି। ବର୍ଷାଭାବ ଯୋଗୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ଚାଷକାମରେ ଶ୍ରମିକଭାବେ ନିୟୋଜିତ ଲୋକେ କାମ ପାଇପାରୁନାହାନ୍ତି। ଏଭଳି ସ୍ଥିତିରେ ପରିବାର ପ୍ରତିପୋଷଣ କିଭଳି ହେବ ସେ ନେଇ ଶ୍ରମିକମାନେ ମଧ୍ୟ ଚିନ୍ତାରେ ରହିଛନ୍ତି। ଯଦି ପ୍ରଶାସନ ପକ୍ଷରୁ ଡାବୁଗାଁ ବ୍ଲକରେ ଥିବା ଜମିଗୁଡିକରେ ଜଳସେଚନର ସୁବିଧା କରାଗଲେ ଚାଷୀମାନେ ବର୍ଷାପାଣି ଉପରେ ନିର୍ଭର ନ କରି ବର୍ଷକୁ ୨ଥର ଚାଷ କରିବା ସହ ତାଙ୍କର ଆର୍ଥିକ ମାନଦଣ୍ଡ ସୁଧୁରିପାରନ୍ତା। ତେଣୁ ପ୍ରଶାସନ ତୁରନ୍ତ ଜଳ ସେଚନ ବ୍ୟବସ୍ଥା କରନ୍ତୁ ବୋଲି ଚାଷୀମାନେ ଦାବି କରିଛନ୍ତି।

### ଚାରା ରୋପଣ କଲେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ

ତେନ୍ତୁଳିଖୁଣ୍ଟି, ୧୭।୭(ଚିଦାନନ୍ଦ ସାହୁ)- ନବରଙ୍ଗପୁର ଜଲା ତେନ୍ତୁଳିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତର ଚରାମୂଳା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ମନୋଜ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏବିଇଓ ମୋହନ ମଧୁସୂଦନ ବାଘଙ୍କ ଉପସ୍ଥିତିରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଏଥିରେ ଚରାମୂଳା ମା'ମାଣିକେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀସଦସ୍ୟା, ବିଦ୍ୟାଳୟ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶଗ୍ରହଣ କରି ଶତାଧିକ ଚାରା ରୋପଣ କରିଥିଲେ। ଚାରା ଦିନେ ବଡ ବୃକ୍ଷରେ ପରିଣତ ହୋଇ ଆମକୁ ଅମ୍ଳଜାନ ଯୋଗାଇଥାଏ ବୋଲି ବିଡ଼ିଓ ପାଣିଗ୍ରାହୀ ଛାତ୍ରୀଛାତ୍ରଙ୍କୁ ବୁଝାଇ ଥିଲେ।

### ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା, ୧୭।୭(କ୍ଷୀରୋଦ ବେହେରା)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ଅଧକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ସହଯୋଗରେ ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସ୍ୱାଭିମାନ ତଥା ଉପାନ୍ତ ଅଞ୍ଚଳର କାର୍ଯ୍ୟରତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ତଥା ହେଲଥ ସୁପରଭାଇଜରମାନଙ୍କ ସହଯୋଗରେ ବହୁ ମହିଳା ପରିବାର ନିୟନ୍ତ୍ରଣ କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ୫୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା। କାର୍ଯ୍ୟକ୍ରମକୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟର ଡାକ୍ତର ସପନ କୁମାର ଦିଣ୍ଡା ଓ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ ପରିଚାଳନା କରିଥିଲେ।

# ଶ୍ରାବଣରେ ଶୁଖିଲା ପଡ଼ିଛି ଜଳଭଣ୍ଡାର, ନଦୀନାଳ

ନବରଙ୍ଗପୁର, ୧୭।୭(ସଦାଶିବ ପ୍ରହରାଜ)



- ବର୍ଷା କମ୍, ଫସଲ ବଞ୍ଚାଇବା ଚିନ୍ତାରେ ଚାଷୀ
- ଉଠା ଜଳସେଚନ ହିଁ ଚାଷୀଙ୍କ ସାହା ଭରସା ପାଲଟିଛି

ନବରଙ୍ଗପୁର ଜିଲାରେ ସ୍ୱଳ୍ପ ବୃଷ୍ଟିପାତ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଅଣଜଳ ସେଚିତ ଜିଲାରେ କେବଳ ଉଠା ଜଳ ସେଚନ ହିଁ ଭରଷା। ଜିଲାରେ ଗୋଷ୍ଠୀଗତ ଉଠାଜଳ ସେଚନ ୯୧୭ ରହିଛି। ଏଥିରେ ୨୦ ହଜାର ୮୪ ହେକ୍ଟର ଓ ୬୭୨୪ ଗଭୀର ନଳକୂପ ମାଧ୍ୟମରେ ୧୩ ହଜାର ୪୪୮ ହେକ୍ଟର ଜମି ଜଳସେଚିତ ହୋଇ ପାରୁଛି। ଏହା ମାଧ୍ୟମରେ ଚାଷୀ ଧାନରୁଆ କରିବାରେ ସକ୍ଷମ ହୋଇ ପାରୁଛି। ଚାଷ ସମୟରେ ବିଦ୍ୟୁତ୍‌କାଟ ଚାଷୀଙ୍କୁ ଅସହ୍ୟ କରୁଛି। ତେବେ ଚଳିତ ବର୍ଷ ବିଳମ୍ବିତ ମୌସୁମୀ ସହ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚନ୍ଦାହାଣ୍ଡିର ଫୁଲଝରି, ଉମରକୋଟ ଭାସ୍କେଲ ଓ ନବରଙ୍ଗପୁର ବ୍ଲକର କୁସୁମଝର ପ୍ରମୁଖ ତିନୋଟି ଜଳ ଭଣ୍ଡାରେ ପାଣିର ଅଭାବ ରହିଛି।

ଇନ୍ଦ୍ରାବତୀ ଜଳ ଭଣ୍ଡାରରୁ ତଳମୁଣ୍ଡକୁ କେନାଲ ମାଧ୍ୟମରେ ୪୦ କିମି (ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି ଓ ନବରଙ୍ଗପୁର ବ୍ଲକକୁ) ଜଳସେଚନ କରାଯିବାକୁ ଲକ୍ଷ୍ୟରେ ଏକ ପ୍ରକଳ୍ପର ଭିତ୍ତିପ୍ରସ୍ତର ମୁଖ୍ୟମନ୍ତ୍ରୀ ୨ ଫେବୃୟାରି ୨୦୧୪ରେ ସ୍ଥାପନ କଲେ। ୨୪୨ କୋଟିରୁ ୯୪ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ବଜେଟ ରହିଥିବାବେଳେ ତହା ଏଯାଏ କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଏବେ ବର୍ଷାଜଳ ଓ ଉଠାଜଳ ସେଚନ ଜିଲାର ଚାଷୀଙ୍କ ପାଇଁ ସାହା ଭରସା। ଚନ୍ଦାହାଣ୍ଡିର ଫୁଲଝରି ଜଳଭଣ୍ଡାର ୨ହଜାର ହେକ୍ଟର, ଭାସ୍କେଲ ୪,୨୫୦ ହଜାର ଓ କୁସୁମଝର ଜଳ ଭଣ୍ଡାର ୫ଶହ ୨୬ ହେକ୍ଟର ଜମିରେ ଜଳସେଚନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଭାସ୍କେଲ ଜଳଭଣ୍ଡାରରୁ ଚାଷୀ ଡାହାଣ କେନାଲ ମାଧ୍ୟମରେ ଗୋଟିଏ ବର୍ଷ ଓ ବାମ କେନାଲ ମାଧ୍ୟମରେ ଅନ୍ୟ ଏକ ବର୍ଷ ପାଣି ପାଉଛନ୍ତି। ତେବେ ଚଳିତ ବର୍ଷ ବର୍ଷା ଅଭାବ ଯୋଗୁ ଜଳଭଣ୍ଡାର ଗୁଡିକରେ ପାଣି ନାହିଁ। ଜିଲାର ଇନ୍ଦ୍ରାବତୀ, ଅଙ୍ଗୀ, ଚୁରୀ, ଭାସ୍କଲ, ଫୁଲଝରି, ତେଲ ଭଳି ପ୍ରମୁଖ ନଦୀ ଶୁଖିଲା ପଡିଛି। ଜିଲାରେ ୧ ଲକ୍ଷ ୪ହଜାର ହେକ୍ଟରରେ ଧାନ, ୬୦ ହଜାର ହେକ୍ଟରରେ ମକା ଓ ୫ ହଜାର ହେକ୍ଟରରେ ଆଖୁ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଜିଲାରେ ଜୁଲାଇ ସୁଦ୍ଧା ୮୦ ପ୍ରତିଶତ ଜମିରେ ଧାନ ରୁଆ ବେଉଷଣ କାର୍ଯ୍ୟ ସରି ଯାଉଥିଲା। ଚଳିତ ବର୍ଷ ୬୫ ଭାଗ ଜମିରେ ଆଦୌ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ।

ଅକ୍ଷୟ ତୃତୀୟା ପରେ ଚାଷୀ ଧାନ ତଳି ପକାଇ ବର୍ଷାକୁ ଚାହିଁ ରହିଛି। ଧାନ ତଳି ପକାଇବା ୨୫ ଦିନ ମଧ୍ୟରେ ଚାଷୀ ରୁଆ କାର୍ଯ୍ୟ ଆରମ୍ଭ ହୋଇଥାଏ। ଏହା ଦ୍ୱାରା ଧାନ ଅମଳ ମଧ୍ୟ ବୃଦ୍ଧି ହୋଇଥାଏ। ଏବେ ତଳି ପକାଇବା ୨ ମାସ ହୋଇଗଲାଣି। ତେଣୁ ଅମଳ କମିବା ଆଶଙ୍କା ରହିଛି। ଧାନ ଚାଷ ପାଇଁ ୨ ଇଞ୍ଚ ପାଣି ଜମିରେ ଆବଶ୍ୟକ ପଡିଥାଏ। ଚଳିତ ବର୍ଷ ଜମି ଭିଜିବାକୁ ମଧ୍ୟ ପାଣି ନାହିଁ। ମକାଚାଷ ପାଇଁ ମଧ୍ୟ ସେହିଭଳି ସମଦଶା ଭୋଗିବାକୁ ପଡିଛି। ଜୁଲାଇ ସୁଦ୍ଧା ମକା ଗଛଗୁଡିକ ୩ରୁ ୪ ଫୁଟ ଉଚ୍ଚ ହୋଇଥାଏ। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ମକା ଗଛଗୁଡିକ ମଧ୍ୟ ଠିକ୍ ସେ ବଢ଼ି ପାରୁନାହିଁ। ଏହା ଦ୍ୱାରା ଅମଳ କମିବା ଆଶଙ୍କା ରହିଛି। ତେବେ ଜିଲାରେ ଜୁଲାଇ ୧୬ ତାରିଖ ସୁଦ୍ଧା ୭୮ ମିମି ବର୍ଷା ହୋଇଛି। ସେଥିରୁ କେବଳ ୧୬ ତାରିଖ ଗୋଟିଏ ଦିନରେ ୧୨ ମିମି ବର୍ଷା ହୋଇଛି। ୨୦୨୨ ଜୁନ ସୁଦ୍ଧା ୩୫୫ ମିମି ବର୍ଷା ହୋଇଥିବା ବେଳେ ଜୁଲାଇ ମାସରେ ୭ ଦିନ ମଧ୍ୟରେ ୧୨୪ ମିମି ବର୍ଷା ହୋଇଥିଲା। ଯେଉଁ ବୃଷ୍ଟିପାତର ବ୍ୟବଧାନକୁ ଦେଖିଲେ ଚଳିତ ବର୍ଷର ବର୍ଷା ଚାଷ କାର୍ଯ୍ୟ ପାଇଁ ଯଥେଷ୍ଟ ନୁହେଁ ବୋଲି ଚାଷୀ ମାନେ କହୁଛନ୍ତି।

## କେଲିଆ ଶୈବପୀଠରେ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼



ଡାବୁଗାଁ, ୧୭।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଶ୍ରାବଣ ମାସର ଦ୍ୱିତୀୟ ସୋମବାର ସକାଳୁ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କେଲିଆ ଶୈବପୀଠରେ ବୋଲ୍‌ବମ୍ ଭକ୍ତଙ୍କ ଭିଡ଼ ଜମିଥିଲା। ଭୋରରୁ ୩ଟାରେ କେଲିଆ ଶୈବପୀଠରେ ଭକ୍ତମାନେ ପହଞ୍ଚି ବାବା ଝଡ଼େଶ୍ୱର ମହାଦେବଙ୍କ ଉପରେ ଜଳ ଢାଳି ଅଭିଷେକ ସହ ପୂଜାର୍ଚ୍ଚନା କରିଥିଲେ। ଶାନ୍ତିଶୃଙ୍ଖଳାର ସହ କାଉଡିଆମାନେ ବାବାଙ୍କର ଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ଏଠାରେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହାସହ ଡାବୁଗାଁ, ବିରିସୋଲା, ଜୁନାପାଣି ଶିବମନ୍ଦିରରେ ମଧ୍ୟ କଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ବିଭିନ୍ନ ଶୈବପୀଠରେ ଭକ୍ତମାନଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।

## ଠାକୁରଙ୍କୁ ୪ ଭରିର ସୁନାଚିତା ଦେଲେ କୃଷ୍ଣ

ଉମରକୋଟ, ୧୭।୭ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଲିପାଟଣା ସାହି ବାସିନ୍ଦା କୃଷ୍ଣଚନ୍ଦ୍ର ଦାସ ସୋମବାର ଚିତାଲାଗି ଅମାବାସ୍ୟ ଅବସରରେ ଉମରକୋଟ ଜଗନ୍ନାଥ ମନ୍ଦିର କମିଟିକୁ ୪ଭରି ଓଜନର ସୁନା ଚିତା ଦାନ କରିଛନ୍ତି। ଏହାର ମୂଲ୍ୟ ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ହେବ। ସୋମବାର ସକାଳର ଆଳତି ସମୟରେ କୃଷ୍ଣଚନ୍ଦ୍ର ରାଜ ପୁରୋହିତ ଗୌରହରି ମିଶ୍ର, ପୂଜକ ଲାଲୁ ମିଶ୍ର ଓ କମିଟି ସମ୍ପାଦକ ରାମ ନାୟକଙ୍କ ଉପସ୍ଥିତିରେ ଏହି ସୁନାଚିତା ଦାନ କରିଛନ୍ତି। କୃଷ୍ଣଚନ୍ଦ୍ର ଦାସ ଉମରକୋଟ ଜଗନ୍ନାଥ ମନ୍ଦିରରେ ନୀତିକାନ୍ତି ସମୟରେ ସହଯୋଗ କରନ୍ତି। ସେ ଦେଇଥିବା ଚିତା ଉମରକୋଟ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଥିବା ଅଳଙ୍କାର ରେଜିଷ୍ଟରରେ ଉଲ୍ଲେଖ କରାଯିବ। ଏଥିସହ ମନ୍ଦିର ପରିଚାଳନା କମିଟି ରିଜୋଲ୍ୟୁଶନରେ ସ୍ଥାନ ପାଇବ ବୋଲି ପରିଚାଳନା କମିଟି ସମ୍ପାଦକ ରାମ ନାୟକ ସୂଚନା ଦେଇଛନ୍ତି।



କୃଷ୍ଣଚନ୍ଦ୍ର ଦାସ ଦେଇଥିବା ସୁନାଚିତାକୁ ଶ୍ରୀଜୀଉଙ୍କୁ ପିନ୍ଧାଯାଇଛି।

## ବଡ଼ବାସିନୀ ସଡ଼କ ଦୁର୍ଘଟଣା ଘଟଣା
## ମୃତକଙ୍କ ପରିବାର ପାଖରେ ପହଞ୍ଚିଲା ସହାୟତା ରାଶି

ଉମରକୋଟ, ୧୭।୭(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଡବାସିନୀ ଛକଠାରେ ଗତ ୨୯ ତାରିଖରେ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଜଣେ ଗୁରୁତର ଆହତ ହେଇଥିଲେ। ୩୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁର୍ଘଟଣାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଥିଲେ। ସେହି ଅର୍ଥ ନବରଙ୍ଗପୁର ଜିଲାପାଳଙ୍କ ଜରୁରୀକାଳୀନ ବିଭାଗ ନିକଟରେ ପହଞ୍ଚିଛି। ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟମାନେ ଉମରକୋଟ ତହସିଲରେ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ ତହସିଲଦାର ତୁଳା ମୁଦୁଲି ପରାମର୍ଶ ଦେଇଛନ୍ତି। ସେହି କାଗଜପତ୍ରଗୁଡିକୁ ଜରୁରୀକାଳୀନ ବିଭାଗକୁ ପଠାଯିବ। ଫଳରେ ମୃତକଙ୍କ ସମ୍ପର୍କୀୟମାନେ ସହାୟତା ରାଶି ପାଇବାରେ ସହଜ ହେବ ବୋଲି ତହସିଲଦାର ମୁଦୁଲି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୯ ତାରିଖରେ ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟସ୍ଥ ବଡବାସିନୀ ଛକଠାରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଜଣେ ଗୁରୁତର ଆହତ ହେଇଥିଲେ। ମୃତକମାନେ ଉମରକୋଟ ନିକଟସ୍ଥ ୟୁଭି-୨୩ ଅଞ୍ଚଳା ଗ୍ରାମର ସତ୍ୟ ରଞ୍ଜନ ବେପାରୀ, ରାଇଘର ଛାତାବେଡା ଗ୍ରାମର ସୁରେଶ ମଣ୍ଡଳ ଓ ସୋନପୁର ଗ୍ରାମର ଗୌରାଙ୍ଗ ରାୟ ଥିଲେ। ଏଥିରେ ସତ୍ୟ ରଞ୍ଜନଙ୍କ ସ୍ତ୍ରୀ ମଧ୍ୟ ଗୁରୁତର ହୋଇଥିଲେ। ଏହି ୪ ଜଣ ସତ୍ୟ ରଞ୍ଜନଙ୍କୁ ଚିକିତ୍ସା ପାଇଁ ଜଗଦଲପୁର ନେଇ ୨୯ ବିଳମ୍ବିତ ରାତିରେ ଗ୍ରାମକୁ କାରରେ ଫେରୁଥିବା ବେଳେ ବଡ଼ବାସିନୀ ଛକଠାରେ ଦ୍ରୁତ ଗତିରେ ଥିବା କାର ତେନ୍ତୁଳି ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣ ସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିଲା।

## ଅଭିଯୋଗକାରୀଙ୍କୁ ଜବତ ଟଙ୍କା ଫେରାଇଲା ପୋଲିସ

ଉମରକୋଟ, ୧୭।୭ (ସନ୍ତୋଷ ଶତପଥୀ)



ନକଲି ସୁନାଶଙ୍ଖ ବିକ୍ରି ଘଟଣା
- ଉମରକୋଟ୍‌ର ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ୮ ଲକ୍ଷରେ ବିକିଥିଲେ ନକଲି ଶଙ୍ଖ
- ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିଲା ୨ଲକ୍ଷ ୬୮ ହଜାର ଟଙ୍କା

ନକଲି ସୁନାଶଙ୍ଖ ବିକ୍ରିକରି ୮ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ନବରଙ୍ଗପୁର ଜିଲା ଉମରକୋଟ ପୋଲିସ ୨ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨ଲକ୍ଷ ୬୮ ହଜାର ଟଙ୍କା ଜବତ କରାଯାଇଥିଲା। ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଉକ୍ତ ଟଙ୍କାକୁ ସୋମବାର ଅଭିଯୋଗକାରୀ ତଥା ତାମିଲନାଡୁର କୁଡାଲୁର ଜିଲା ସମ୍ପାତିକୁପାମ ଗ୍ରାମର ଏ. ମାଣିଗନ୍ଦନଙ୍କୁ ଥାନାକୁ ଡାକି ଫେରସ୍ତ କରିଛନ୍ତି।

ସୂଚନାନୁଯାୟୀ ଏ.ମାଣିଗନ୍ଦନ ୨ ଏପ୍ରିଲରେ ଶ୍ରମିକ ଅନ୍ୱେଷଣରେ ନେବା ପାଇଁ ଉମରକୋଟ ଆସିଥିଲେ। ଏହି ସମୟରେ ଉମରକୋଟ ଥାନା ଅଧୀନ କାନାକୋଟ ଗ୍ରାମର ସୁରେନ୍ଦ୍ର ହରିଜନ (୨୭) ଓ ଡାବୁଗାଁ ଥାନା ଅଞ୍ଚଳ କଇଗାଁ ଗ୍ରାମର ବଳରାମ ପନକା (୨୪) ତାଙ୍କୁ ୮ ଲକ୍ଷ ଟଙ୍କାରେ ନକଲି ସୁନାଶଙ୍ଖ ବିକ୍ରିକରିଥିଲେ। ମାଣିଗନ୍ଦନ ବଳରାମଙ୍କ ମୋବାଇଲ ନମ୍ବରରେ ୩୦ ହଜାର ଟଙ୍କା ଗୁଗଲ୍‌ପେରେ ଟ୍ରାନ୍ସଫର କରିବା ସହ ନଗଦ ୭ଲକ୍ଷ ୭୦ହଜାର ଟଙ୍କା ଦେଇଥିଲେ। ମାଣିଗନ୍ଦନ ଶଙ୍ଖକୁ ନେଇ ତାମିଲନାଡୁରେ ବଣିଆଙ୍କୁ ଦେଖାଇବାପରେ ତାହା ନକଲି ବୋଲି ଜାଣିଥିଲେ। ଏହାପରେ ସେ ଅଭିଯୁକ୍ତମାନଙ୍କୁ ଟଙ୍କା ମାଗିବା ନେଇ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ହୋଇପାରି ନ ଥିଲା। ପରେ ଗତ ୧୧ ତାରିଖରେ ମାଣିଗନ୍ଦନ ଉମରକୋଟ ଆସି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଉମରକୋଟ ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫକରି ୨ଲକ୍ଷ ୬୮ ହଜାର ଟଙ୍କା ଜବତ କରିଥିଲା।

## ୩୦ ଅଭିଯୋଗ ଶୁଣିଲେ ଜିଲାପାଳ

ନନ୍ଦାହାଣ୍ଡି, ୧୭।୭(ପ୍ରତୀପ ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ନନ୍ଦାହାଣ୍ଡି ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ସୋମବାର ଅନୁଷ୍ଠିତ ହୋଇଛି। ଏଥିପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ପୂର୍ବରୁ ଲୋକଙ୍କୁ ସୂଚନା ଦିଆଯାଇଥିଲା। ନନ୍ଦାହାଣ୍ଡି ପଞ୍ଚାୟତ ସମିତିର ବିଭିନ୍ନ ଅଞ୍ଚଳରୁ ଜିଲାପାଳଙ୍କୁ ନିଜ ଏବଂ ନିଜ ଅଞ୍ଚଳର ସମସ୍ୟା ତଥା ଆପତ୍ତି ଅଭିଯୋଗ ଜଣାଇବା ପାଇଁ ଆସିଥିବା ୩୦ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ସେଥି ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୧୧ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ଅଭିଯୋଗରେ ମୁଖ୍ୟତଃ ପାନୀୟଜଳ, ସ୍ୱାସ୍ଥ୍ୟସେବା, ରାସ୍ତା ନିର୍ମାଣ, ପ୍ରଧାନମନ୍ତ୍ରୀ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ଶିକ୍ଷା, ଜମିଜମା ସମ୍ବନ୍ଧୀୟ ଅଭିଯୋଗ ଥିଲା। ଜିଲାପାଳ କମଳ ଲୋଚନ ମିଶ୍ର ଅଭିଯୋଗ ଜଣାଇବା ପାଇଁ ଆସିଥିବା ଲୋକଙ୍କୁ ଭେଟି ସେ ସବୁ ଶୁଣିବା ସହିତ ତାହାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୩୦ ଅଭିଯୋଗ ମଧ୍ୟରୁ ଦୁଇଟି ଅଭିଯୋଗର ସମାଧାନ ସଙ୍ଗେସଙ୍ଗେ କରାଯାଇଥିଲା। ଏହି ସମୟରେ ଜିଲାପାଳଙ୍କ ସମେତ ମୁଖ୍ୟ ଉନ୍ନୟନ ତଥା ଜିଲାପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ଭାରପ୍ରାପ୍ତ ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଉପ ଆରକ୍ଷୀ ଅଧିକ୍ଷକ ପି.କେ. ପଟ୍ଟନାୟକ ନନ୍ଦାହାଣ୍ଡି ବ୍ଲକ ଅଧକ୍ଷା ରଶ୍ମିତା ମାଝି, ଉପାଧ୍ୟକ୍ଷ ସଦନ ଗୌଡ଼, ନନ୍ଦାହାଣ୍ଡି ତହସିଲଦାର ଡଃ. ବନମାଳୀ ମେହେର, ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ସମସ୍ତ କର୍ମଚାରୀ ଏବଂ ପୋଲିସ ପ୍ରଶାସନ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୧୦ଟି ବାର୍ଦ୍ଧକ୍ୟ ଭତ୍ତା ପ୍ରମାଣ ପତ୍ର ଏବଂ ୫ଟି ଭିନ୍ନକ୍ଷମ ପ୍ରମାଣ ପତ୍ର ବଣ୍ଟନ କରାଯାଇଛି।



ଜିଲାପାଳ ଗୋଟିଏ ଅଭିଯୋଗର ଶୁଣାଣି କରୁଛନ୍ତି।

## ତାମିଲନାଡୁରେ ଦାଦନ ଶ୍ରମିକ ମୃତ

କୋଷାଗୁମୁଡ଼ା, ୧୭।୭(ପ୍ରସାଦ ବିଷୋୟୀ)

ଗାଁରେ ମିଳିଲାନି କାମ। ତେଣୁ ୪ମାସ ହେଲା ସ୍ତ୍ରୀ ଓ ମା'ଙ୍କୁ ଛାଡ଼ି ପରିବାରର ପ୍ରତିପୋଷଣ ପାଇଁ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଡ଼ ଆଟିଗାଁ ପଞ୍ଚାୟତ ସଦର ଗାଁର କୃଷ୍ଣ ହରିଜନ(୨୨)। ସେଠାରେ କିନ୍ତୁ ରବିବାର କୃଷ୍ଣଙ୍କର ମୃତ୍ୟୁ ଘଟିଛି। ଏହି ଖବରପାଇ ତାଙ୍କ ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି।

ମା' ତୁଳା ହରିଜନ ଓ ସ୍ତ୍ରୀଙ୍କୁ ନେଇ କୃଷ୍ଣଙ୍କ ପରିବାର। ଗାଁରେ କାମ ନ ପାଇ ୪ ମାସ ପୂର୍ବେ କୃଷ୍ଣ ସାଙ୍ଗସାଥୀଙ୍କ ସହ ତାମିଲନାଡୁ ଯାଇଥିଲେ। ସେ ତ୍ରିପୁରା ଜିଲା ଅବିନାଶୀର ଏକ ଘରୋଇ ମିଲରେ ବସ୍ତା ସିଲେଇ କାମ କରୁଥିଲେ। ୩ଦିନ ପୂର୍ବେ ହଠାତ କୃଷ୍ଣ ଅସୁସ୍ଥ ହୋଇ ପଡ଼ିଥିଲେ। ପାଖରେ ଥିବା ସାଙ୍ଗମାନେ ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ କୃଷ୍ଣଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ଖବରପାଇ କୃଷ୍ଣଙ୍କ ଘରେ ଓ ଗାଁରେ କାନ୍ଦବୋବାଳି ପଡ଼ିଛି। ମୃତକଙ୍କ ପରିବାର ଗରିବଶ୍ରେଣୀର ହୋଇଥିବାରୁ ମୃତଦେହକୁ ଗ୍ରାମକୁ ଫେରାଇ ଆଣିବା ନେଇ ଗ୍ରାମବାସୀ ଜିଲା ପ୍ରଶାସନକୁ ଅବଗତ କରିଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଆର୍.କେ. ବେହେରାଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇ ଥିବା କହିଛନ୍ତି।

## ଗାଁରେ ଚାଲିଛି ବେଙ୍ଗବେଙ୍ଗୁଲୀ ବାହାଘର

ଡାବୁଗାଁ, ୧୭।୭ (ପ୍ରଜ୍ଞାରଞ୍ଜନ ପରିଡ଼ା)

- ବର୍ଷା ପାଇଁ ଚାଲିଛି ବିବାହ
- ଗାଉଟିଆ ସାହି କନ୍ୟା ପକ୍ଷ, ପୂଜାରୀ ସାହି ବରପକ୍ଷ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା ପଞ୍ଚାୟତ ଅଧୀନ ଚାଟିଗୁଡ଼ା ଗ୍ରାମରେ ବର୍ଷା ପାଇଁ ବେଙ୍ଗବେଙ୍ଗୁଲୀ ବାହାଘର ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି। ଏହା ୯ ଦିନ ଧରି ଚାଲିବ।

ସ୍ଥାନୀୟ ଠାକୁରାଣୀ ମନ୍ଦିରରେ ଗ୍ରାମର ଶତାଧିକ ମହିଳା ପୁରୁଷ ଏକାଠି ହୋଇ ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାପାଠ କରିଥିଲେ। ସେଠାରୁ ଭୀମା ମନ୍ଦିରକୁ ଆସି ସେଠାରେ ଭୀମା ମୂର୍ତ୍ତିଙ୍କୁ ଗୋବରରେ ପୋତିବା ସହ ପୂଜାପାଠ କରାଯାଇଥିଲା। ପରେ ଗ୍ରାମରେ ଥିବା ପୋଖରୀରୁ ବେଙ୍ଗବେଙ୍ଗୁଲୀ ଆଣି ସେମାନଙ୍କୁ ନୂତନ ମାଟିହାଣ୍ଡିରେ ରଖାଯାଇଥିଲା। ସେଠାରେ ପାରମ୍ପରିକ ରୀତିନୀତି ଅନୁସାରେ ବେଙ୍ଗ ଓ ବେଙ୍ଗୁଲୀକୁ ପୂଜା କରାଯାଇଛି। ସୋମବାର ସକାଳୁ ପୁଣି ସ୍ଥାନୀୟ ଲୋକମାନେ ପୂଜାପାଠ କରୁଛନ୍ତି। ଏହି ବେଙ୍ଗ ବେଙ୍ଗୁଲୀ ବାହାଘର ୯ ଦିନ ଧରି ଚାଲିବ। ୯ ଦିନ ପରେ ସେମାନଙ୍କୁ ପୋଖରୀରେ ବିସର୍ଜନ କରାଯିବ ବୋଲି ଗାଉଟିଆ ସୂଚନା ଦେଇଛନ୍ତି। ତେବେ ଗାଉଟିଆ ସାହିରେ କନ୍ୟା ପକ୍ଷ ରହିଥିବା ବେଳେ ପୂଜାରୀ ସାହି କୁ ବରପକ୍ଷ କରାଯାଇଛି। ଚାଟିଗୁଡ଼ା ଗ୍ରାମରେ ପ୍ରଥମ ଥର ବେଙ୍ଗବେଙ୍ଗୁଲୀ ବାହାଘର କରାଯାଉଛି। ଏପରି କଲେ ଭଲ ଫସଲ ହୁଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି।



ମନ୍ଦିରରେ ବେଙ୍ଗ ବେଙ୍ଗୁଲୀଙ୍କ ବାହାଘର ଚାଲିଛି।

## ସତର୍କ, ସଚେତନ ହେଲେ ଡେଙ୍ଗୁରୁ ରକ୍ଷା ମିଳିବ

ଝରିଗାଁ, ୧୭।୭(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସଭାଗୃହରେ ଡେଙ୍ଗୁ ନିରାକରଣ ମାସ ପାଳନ ଅବସରରେ ଡାକ୍ତର ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି। ବୈଠକରେ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ଦୁର୍ଗାପ୍ରସାଦ ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସତର୍କ ଓ ସଚେତନ ହେଲେ ଡେଙ୍ଗୁରୁ ରକ୍ଷା ପାଇହେବ। ଡେଙ୍ଗୁ ଠିକ୍ ସମୟରେ ଚିକିତ୍ସା କରାଇଲେ ଡେଙ୍ଗୁ ରୋଗ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଅତିଥି କହିଛନ୍ତି।

ସବୁଠାରୁ ଗୁରୁତର ରୋଗ ମଧ୍ୟରୁ ଡେଙ୍ଗୁ ଅନ୍ୟତମ। ପ୍ରତିବର୍ଷ ଏହି ମାରାତ୍ମକ ରୋଗରେ ଲକ୍ଷଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ଅଧିକାଂଶ ଡେଙ୍ଗୁ ରୋଗ ବର୍ଷାର ପ୍ରାରମ୍ଭିକ ପର୍ଯ୍ୟାୟରେ ସାମ୍ନାକୁ ଆସିଥାଏ। ଏହି ସମୟ ମଧ୍ୟରେ ଅଧିକାଂଶ ସତର୍କତା ଆବଶ୍ୟକ ହୋଇଥାଏ। ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଅନେକ ଲୋକ ଡେଙ୍ଗୁରେ ଆକ୍ରାନ୍ତ ହୁଅନ୍ତି, ଏଣୁ ସତର୍କ ରହିବା ଆବଶ୍ୟକ ବୋଲି ଆଲୋଚନା ହୋଇଥିଲା। ଡେଙ୍ଗୁର ଲକ୍ଷଣ ଏବଂ ନିରାକରଣ ନେଇ ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଡେଙ୍ଗୁ ନିରାକରଣ ମାସ ପାଳନ କରାଯାଉଛି ବୋଲି ବୈଠକରେ କୁହାଯାଇଛି। ଠିକ୍ ସମୟରେ ଚିକିତ୍ସା କରାଇଲେ ଡେଙ୍ଗୁ ରୋଗ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବ୍ୟାୟାମ, ଯୋଗ ଏବଂ ସୁସ୍ଥ ଖାଦ୍ୟ ମାଧ୍ୟମରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ମଶାରୀ ଟାଣିବା, ମଶା ପ୍ରତିରୋଧକ କ୍ରିମ୍, ମଶା ପ୍ରତିରୋଧକ ସ୍ପ୍ରେ, ମଶା ପ୍ୟାଚ୍ ଏବଂ ଇଲେକ୍ଟ୍ରୋନିକ୍ ବାଷ୍ପୀକରଣ କରିବାକୁ ପରାମଶ ଦିଆଯାଇଛି। ସେହିପରି ଲୋକମାନେ ନିଜ ଆଖପାଖ ଅଞ୍ଚଳକୁ ସଫା କରିବା ଉଚିତ୍। ନାଳ ଏବଂ ନର୍ଦ୍ଦମାରେ ବ୍ଲିଚିଂ ସ୍ପ୍ରେ କରିବା କରି ଜମା ରହୁଥିବା ପାଣିକୁ ସଫା କରିବା ଦରକାର ବୋଲି ସଚେତନତା କରାଯାଇଛି। ପିଏଚ୍‌ଓ ଗୋପାଳ କୃଷ୍ଣ ପାଢ଼ୀଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଜିଲ୍ଲପରିଷଦ ସଭ୍ୟ ଯମୁନା ଗଣ୍ଡ, ସିଡିପିଓ ବିରଜା ମୋହିନୀ ପାଙ୍ଗି, ଏବିଇଓ ସୁରେନ୍ଦ୍ର ନାଥ ନାୟକ, ବିପିଓ ପ୍ରିୟଙ୍କା ସିଲ୍‌ଙ୍କ ସମେତ ସମସ୍ତ ସୁପରଭାଇଜର (ଆଇସିଡିଏସ୍) ଉପସ୍ଥିତ ଥିଲେ।




ବୈଠକରେ ଆଲୋଚନା ଚାଲିଛି।

ଝରିଗାଁ ମେଡିକାଲରେ ଡେଙ୍ଗୁ ନିରାକରଣ ବୈଠକ

